■ ଶେରଗଡ଼ ସମିତିସଭ୍ୟା ପଦବୀ ଅସିଦ୍ଧ ଘଟଣା

# ସ୍ଥଗିତାଦେଶ ଆଣିଲେ ବିଜୟୀ ପ୍ରାର୍ଥିନୀ

**ଶେରଗଡ,୧୯(ଡି.ଏନ.ଏ.)**

ଶେରଗଡ ପଞ୍ଚାୟତ ସମିତିସଭ୍ୟା ପଦବୀକୁ ନେଇ ବିବାଦ ଥମୁନି। ପରାଜିତ ପ୍ରାର୍ଥିନୀ ବିଜୟୀ ପ୍ରାର୍ଥିନୀଙ୍କ ନିର୍ବାଚନ ଲଢିବାକୁ ବୟସ ହୋଇ ନ ଥିବାରୁ ତାଙ୍କ ପଦବୀକୁ ଅସିଦ୍ଧ ଘୋଷଣା କରିବାକୁ କୋର୍ଟରେ ପିଟିଶନ ଦାଖଲ କରିଥିଲେ। ଫଳରେ କୋର୍ଟ ସମିତିସଭ୍ୟା ପଦବୀକୁ ଅସିଦ୍ଧ ଘୋଷଣା କରି ନିକଟତମ ପ୍ରତିଦ୍ୱନ୍ଦ୍ୱୀଙ୍କୁ ବିଜୟୀ ଘୋଷିତ କରିବାକୁ ଜିଲା ନିର୍ବାଚନ ଅଧିକାରୀ ତଥା ଗଞ୍ଜାମ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବିଜୟୀ ପ୍ରାର୍ଥିନୀ ଏହି ରାୟ ବିରୋଧରେ ଉପର କୋର୍ଟରେ ସ୍ଥଗିତା ଦେଶ ଆଣିଛନ୍ତି। ଚଳିତ ମାସ ୧୯ରେ ଏହାର ଶୁଣାଣି ପାଇଁ ତାରିଖ ଧାର୍ଯ୍ୟ ହୋଇଛି। ପ୍ରକାଶ ଯେ, ୨୦୧୭ ନିର୍ବାଚନରେ ଶେରଗଡ ସମିତିସଭ୍ୟା ଭାବେ ସାଗରିକା ପ୍ରଧାନ ବିଜୟୀ ହୋଇଥିଲେ। ନିର୍ବାଚନ ଲଢିବାକୁ ସର୍ବନିମ୍ନ ବୟସସୀମା ୨୧ ଥିବାବେଳେ ନୋମିନେଶନ ବେଳେ ତାଙ୍କୁ ୨୦ ବର୍ଷ ୯ମାସ ହୋଇଥିବାରୁ ତାଙ୍କ ପଦବୀକୁ ଅସିଦ୍ଧ ଘୋଷଣା କରିବାକୁ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ସବିତା ରାଣୀ ଚୌଧୁରୀ ୮ ଅଗଷ୍ଟ ୧୯ରେ ଆସିକା ସିଭିଲଜଜ୍ ସିନିୟର ଡିଭିଜନ କୋର୍ଟରେ ପିଟିଶନ ଦାୟର କରିଥିଲେ। ଏହାର ବିଚାର କରି ସାଗରିକାଙ୍କ ପଦବୀକୁ ଅସିଦ୍ଧ ଘୋଷଣା ସହ ସବିତାରାଣୀଙ୍କୁ ବିଜୟୀ ଘୋଷିତ କରିବାକୁ ବିଚାରପତି ଜିଲା ନିର୍ବାଚନ ଅଧିକାରୀ, ଶେରଗଡ ବିଡିଓଙ୍କୁ ନିର୍ଦ୍ଦେଶ ଦେଇଥିଲେ। ୨୯ ତାରିଖରେ ଜିଲା ନିର୍ବାଚନ ଅଧିକାରୀ ତଥା ଗଞ୍ଜାମ ଜିଲାପାଳ ବିଜୟ ଅମୃତ କୁଲାଙ୍ଗେ କୋର୍ଟ ଆଦେଶ ପ୍ରକାରେ ଶେରଗଡ ସମିତିସଭ୍ୟା ଭାବେ ସବିତାରାଣୀଙ୍କୁ ଘୋଷଣା କରିବା ସହ ଏକ ବିଜ୍ଞପ୍ତି ଜାରି କରି ବ୍ଲକ, ଉପଜିଲାପାଳ, ପଞ୍ଚାୟତ କାର୍ଯ୍ୟାଳୟରେ ଲଟ୍‌କା ଜାରି କରିଥିଲେ। ମାତ୍ର ସାଗରିକା ୧୯ ଅଗଷ୍ଟରେ ଆସିକାସ୍ଥିତ ଅତିରିକ୍ତ ଦୌରାଜଜ୍ କୋର୍ଟରେ ତଳକୋର୍ଟ ରାୟକୁ ଚାଲେଞ୍ଜ କରି ଏକ ପିଟିଶନ ଦାୟର କରିଥିଲେ। ୨୯ ଅଗଷ୍ଟରେ ଏହାର ଶୁଣାଣି କରି ବିଚାରପତି ତଳକୋର୍ଟ ଆଦେଶ ଉପରେ ୧୯ ସେପ୍ଟେମ୍ବର ପର୍ଯ୍ୟନ୍ତ ସ୍ଥଗିତାଦେଶ ଜାରି କରିଥିଲେ। ଏହାର ନକଲ ଶେରଗଡ ବିଡିଓ, ଗଞ୍ଜାମ ଜିଲାପାଳଙ୍କ ନିକଟକୁ ପ୍ରେରଣ କରାଯାଇଛି।

## ରାଜନୀତି ବିଜ୍ଞାନ ବିଭାଗର ପାଠଚକ୍ର

**ବାଲିଗୁଡା,୧୯(ଡି.ଏନ.ଏ.):** ବାଲିଗୁଡାସ୍ଥିତ ଆଦିବାସୀ କଲେଜ ରାଜନୀତି ବିଜ୍ଞାନ ବିଭାଗ ତରଫରୁ 'ଭାରତୀୟ ବୈଦେଶିକ ନୀତିର ପରିବର୍ତ୍ତିତ ପ୍ରଗତି' ସମ୍ପର୍କରେ ଏକ ପାଠଚକ୍ର ଅଧ୍ୟକ୍ଷ ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୨୮ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପକ ଡ଼. ସୁଶାନ୍ତ କୁମାର ଦାସ ପାଠଚକ୍ରର ମହତ୍ୱ କହିଥିଲେ। ଅତିଥି ଭାବେ ଅଧ୍ୟାପକ କାର୍ତ୍ତିକ ଚନ୍ଦ୍ର ସି, ଲଲାଟେନ୍ଦୁ ଦଳପତି ଯୋଗ ଦେଇ ପାଠଚକ୍ର ସମ୍ପର୍କରେ ସମ୍ୟକ ସୂଚନା ଦେଇଥିଲେ। ଅଧ୍ୟାପିକା ସଞ୍ଜୁକ୍ତା ନାୟକ, ଅଧ୍ୟାପକ ବିଶ୍ୱନାଥ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରିଏଡି ଗ୍ରାମ ପରିଦର୍ଶନ କଲେ ବନବାସୀ



ଗୋଷ୍ଠୀଗତ ଜଙ୍ଗଲ ଅଧିକାର କମିଟିର ସଭ୍ୟାସଭ୍ୟ।

**ଫିରିଙ୍ଗିଆ, ୧୯**

ଫିରିଙ୍ଗିଆ ବ୍ଲକ କ୍ରାଣ୍ଡିବାଲି ପଞ୍ଚାୟତ ପ୍ରିଏଡି ଗ୍ରାମକୁ ଜିଲାର ୫ଟି ବ୍ଲକର ବନବାସୀ ତଥା ଗୋଷ୍ଠୀଗତ ଜଙ୍ଗଲ ଅଧିକାର କମିଟି ସଭ୍ୟାସଭ୍ୟ ପରିଦର୍ଶନ କରିଛନ୍ତି। କୋଟଗଡ, ଦାରିଙ୍ଗବାଡି, ବାଲିଗୁଡା, କ.ନୂଆଗାଁ, ଫିରିଙ୍ଗିଆ ବ୍ଲକର ୧୦ ପଞ୍ଚାୟତରୁ ଗୋଷ୍ଠୀଗତ ଜଙ୍ଗଲ ଅଧିକାର କମିଟିର ୪୪ ସଭ୍ୟାସଭ୍ୟ ଉକ୍ତ ଗ୍ରାମକୁ ଯାଇଥିଲେ ।ଜଙ୍ଗଲ ଅଧିକାର ଆଇନ ୨୦୦୬କୁ ଭିତ୍ତିକରି ପ୍ରିଏଡି ଗ୍ରାମସଭା ରାଜ୍ୟରେ ପରିଚୟ ସୃଷ୍ଟି କରିଛି। ଏବେ ଏହି ଗ୍ରାମସଭାକୁ ବାଉଁଶ ବିକ୍ରି କରିବାକୁ ସରକାର ଟ୍ରାଞ୍ଜିଟ୍ ପରମିଟ୍ ଦେଇଛନ୍ତି। ଗ୍ରାମସଭାକୁ ଟ୍ରାଞ୍ଜିଟ ପରମିଟ ଦେବା ଓଡିଶାରେ ଦ୍ୱିତୀୟ କାର୍ଯ୍ୟକ୍ରମ। ତେଣୁ ଗ୍ରାମକୁ ଏବେ ଜିଲା ଏବଂ ବାହାରର ଲୋକେ ଆସୁଛନ୍ତି। ୨୦୦୮ରୁ ଏ ପର୍ଯ୍ୟନ୍ତ ଗୋଷ୍ଠୀଗତ ଜଙ୍ଗଲକୁ ପ୍ରିଏଡି ଗ୍ରାମସଭା ସୁରକ୍ଷା କରିପାରିଛି ।

## ମତଦାତା ଯାଞ୍ଚ କାର୍ଯ୍ୟକ୍ରମ ଆରମ୍ଭ

**ଫୁଲବାଣୀ ଅଫିସ, ୧୯**

ଭାରତ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ନିର୍ଭୁଲ ମତଦାତା ସୂଚୀ ପ୍ରସ୍ତୁତି କାର୍ଯ୍ୟକ୍ରମ ରବିବାରଠାରୁ ଆରମ୍ଭ ହୋଇଛି। ଫୁଲବାଣୀରେ ଏଥିପାଇଁ ଉପ ଜିଲାପାଳଙ୍କ କାର୍ଯ୍ୟାଳୟରୁ ବାହାରିଥିବା ଏକ ସଚେତନତା ଗାଡିକୁ ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ ଶୁଭାରମ୍ଭ କରିଥିଲେ। ଆସନ୍ତା ମାସ ୧୫ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିବ। ମତଦାତାମାନେ ଭୋଟର ତାଲିକାରେ ନିଜ ନାମ ଯାଞ୍ଚ କରିବା ଆବଶ୍ୟକ । ଖାଲି ନାମ ନୁହେଁ, ମତଦାତାଙ୍କ ଭୋଟ ପରିଚୟପତ୍ରରେ ଦର୍ଶାଯାଇଥିବା ଜନ୍ମ ତାରିଖ, ଲିଙ୍ଗ, ସମ୍ପର୍କୀୟଙ୍କ ନାମ, ଠିକଣା ଓ ଫଟୋକୁ ଯାଞ୍ଚ କରିବା ଆବଶ୍ୟକ । ଯାଞ୍ଚ କାର୍ଯ୍ୟକ୍ରରେ ଏକତ୍ର ବାସ କରୁଥିବା ପରିବାରର ସମସ୍ତ ମତଦାତାମାନଙ୍କୁ ଏକ ପୋଲିଂ ବୁଥରେ ପଞ୍ଜୀକରଣ କରାଯାଇପାରିବ। ଭୋଟର ତାଲିକାକୁ ତ୍ରୁଟିଶୂନ୍ୟ କରିବା ପାଇଁ ପ୍ରଶାସନିକ ସ୍ତରରେ ମଧ୍ୟ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି । ଯାଞ୍ଚ ପାଇଁ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ପାସ୍‌ପୋର୍ଟ, ଆଧାର କାର୍ଡ, ପାନ୍ କାର୍ଡ, ଡ୍ରାଇଭିଂ ଲାଇସେନ୍ସ, ରାଶନ କାର୍ଡ ମଧ୍ୟରୁ କୌଣସି ଗୋଟିଏ ପ୍ରଦାନ କରାଯିବାକୁ କୁହାଯାଇଛି । ମତଦାତାମାନେ ସେମାନଙ୍କ ନିର୍ବାଚନ ପରିଚୟପତ୍ରରେ ଥିବା ସମସ୍ତ ତଥ୍ୟକୁ ଠିକ୍ କରି ନିର୍ଭୁଲ ମତଦାତା ସୁଚୀ ପ୍ରସ୍ତୁତିରେ ନିଜକୁ ସାମିଲ କରି ପାରିବେ ବୋଲି ଅତିରିକ୍ତ ଜିଲାପାଳ ସାହୁ କହିଥିଲେ। ଅଧିକାରୀଙ୍କୁ ଜନସାଧାରଣ ସହଯୋଗ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି । ଏହି ଅବସରରେ ଉପ ଜିଲାପାଳ ଦେଶର ଜଣେ ଦାୟିତ୍ୱ ସମ୍ପନ୍ନ ନାଗରିକ ଭାବରେ ଉପସ୍ଥିତ ସମସ୍ତ ଅଧିକାରୀ ଏବଂ ଅନ୍ୟମାନଙ୍କୁ ଶପଥ ପାଠ କରାଇଥିଲେ।

## କୃଷ୍ଣସାର ମାଂସ ଜବତ, ଜଣେ ଗିରଫ

**ଜଗନ୍ନାଥପ୍ରସାଦ,୧୯(ଡି.ଏନ୍.ଏ.)**

ଜଗନ୍ନାଥପ୍ରସାଦ ବନାଞ୍ଚଳ ଅଧୀନ ହରଡ଼ିପଦର ଗାଁରେ କୃଷ୍ଣସାର ମୃଗ ଶିକାର ଅଭିଯୋଗରେ ରବିବାର ବନ ବିଭାଗ ଜଣଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ପ୍ରକାଶ ନାୟକ। ତାଙ୍କଠାରୁ ୩ କେଜି କୃଷସାର ମାଂସ ସହ ଛୁରି ଜବତ କରାଯାଇଥିବା ବନ ବିଭାଗ ଅଧିକାରୀ ଉମାକାନ୍ତ ଦାସ କହିଛନ୍ତି। ଏ ନେଇ ନଂ.୧୭୮/୧୯-୨୦ରେ ମାମଲା ରୁଜୁ ହୋଇଛି। ପ୍ରକାଶ ମୃଗ ଶିକାର କରି ତାର ମାଂସ ବିକ୍ରି କରିବାକୁ ଉଦ୍ୟମ କରୁଥିବା ବେଳେ ବନ ବିଭାଗ ଗିରଫ କରିଥିଲା।

## ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ରାଇକିଆ,୧୯(ଡି.ଏନ.ଏ.)**

ରାଇକିଆ ଜୀବନ ଜ୍ୟୋତି କଲେଜ ଅର୍ଥନୀତି ବିଭାଗର ବରିଷ୍ଠ ଅଧ୍ୟାପକ ଖଦାଳ ସାହୁଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏଥିପାଇଁ ଅନୁଷ୍ଠିତ ଏକ ସଭାରେ ଅଧ୍ୟକ୍ଷ ପ୍ରଦୀପ ନାୟକ ଅଧ୍ୟକ୍ଷତା କରିଥିଲେ। ବିଭାଗୀୟ ଅଧ୍ୟାପକ ଉମାକାନ୍ତ ରଥ ସ୍ୱାଗତ ଭାଷଣ ଦେଇଥିଲେ । ବିଦାୟୀ ଅଧ୍ୟାପକ ସାହୁ ନିଜର ୩୩ ବର୍ଷ ଚାକିରି କାର୍ଯ୍ୟକାଳ ମଧ୍ୟରେ ସମୟାନୁବର୍ତ୍ତିତା, କର୍ତ୍ତବ୍ୟନିଷ୍ଠା ପାଇଁ ଆଦରଣୀୟ ହୋଇପାରିଥିଲେ । ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ତାଙ୍କର ସୁଖମୟ ଅବସରକାଳୀନ ଜୀବନ କାମନା କରିଥିଲେ । ଅଧ୍ୟାପିକା ଗୀତାଞ୍ଜଳି ଗନ୍ତାୟତ ଧନ୍ୟବାଦ ଅର୍ପଣ କରିଥିଲେ।



ଅବସରପ୍ରାପ୍ତ ଅଧ୍ୟାପକଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଉଛି।

## ବିଭିନ୍ନ ପଞ୍ଚାୟତରେ ସାମାଜିକ ସମୀକ୍ଷା ବୈଠକ

**ଖଜୁରିପଡ଼ା,୧୯(ଡି.ଏନ.ଏ.)**

ଖଜୁରିପଡ଼ା ବ୍ଲକର ବିଭିନ୍ନ ପଞ୍ଚାୟତରେ ବିଡିଓ ମନୋଜ କୁମାର ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ଏବଂ ଏପିଓ ନବନିତା ତ୍ରିପାଠୀଙ୍କ ତଦାରଖରେ ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ପିରୁକୁଡ଼ି ପଞ୍ଚାୟତ କାର୍ଯ୍ୟାଳୟରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଶାନ୍ତ ପ୍ରଧାନ ଓ ସରପଞ୍ଚ ଶାରଳା ମଲିକଙ୍କ ତତ୍ତ୍ୱାବଧାନରେ ବୈଠକ ହୋଇଥିଲା। ପଞ୍ଚାୟତର ବିଭିନ୍ନ ଗ୍ରାମରୁ ମହିଳା ପୁରୁଷ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ମଧୁବାବୁ ପେନସନ, ଇନ୍ଦିରା ଗାନ୍ଧୀ ଜାତୀୟ ଭତ୍ତା ଯୋଜନା ଉପରେ ଆଲୋଚନା ହୋଇଥିଲା। ସୁଦ୍ରୁକୁମ୍ପା ପଞ୍ଚାୟତ ସୁଦ୍ରେଜୁ, ଟିଟ୍ରାପଙ୍ଗା ପଞ୍ଚାୟତରେ ଡିମ୍ପଲ ନାଏକ ଓ ତ୍ରିଲୋଚନ ଖମାରିଙ୍କ ତତ୍ତ୍ୱାବଧାନରେ ବୈଠକ ସୁଦ୍ରୁକୁମ୍ପାଠାରେ ସୂଚାରୁ ରୂପେ ପରିଚାଳିତ ହୋଇଥିଲା। ଗ୍ରାମ୍ୟ ରୋଜଗାର ସେବକ, ୱାର୍ଡମେମ୍ବର ଓ ସାମାଜିକ ସମୀକ୍ଷା କମିଟିର ସଦସ୍ୟମାନେ ଉପସ୍ଥିତ ଥିଲେ। ଅଗଷ୍ଟ ୧୬ରୁ ଭତ୍ତା ପାଇଥିବା ଯୋଗ୍ୟ ହିତାଧିକାରୀ ଓ ୮୦ ବର୍ଷରୁ ଉର୍ଦ୍ଧ୍ୱ ବୟସ୍କ ହିତାଧିକାରୀଙ୍କୁ ୫୦୦ ଟଙ୍କା ଦେବାକୁ ମଞ୍ଜୁର କରାଯାଇଥିଲା। ପିରୁକୁଡ଼ି ପଞ୍ଚାୟତର ୮ ଜଣଙ୍କୁ ଭତ୍ତା ଓ ପାଞ୍ଚ ଜଣଙ୍କୁ ୫ ଶହ ଟଙ୍କା ଭତ୍ତା ମଞ୍ଜୁର କରାଯାଇଥିଲା ।

## ଆଇନ ସଚେତନତା ସଭା

**ଦିଗପହଣ୍ଡି,୧୯(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ପଞ୍ଚାୟତ ନନ୍ଦଗାଁରେ ଶନିବାର ଆଇନ ସଚେତନତା ସଭା ହୋଇଯାଇଛି। ଦିଗପହଣ୍ଡି ତାଲୁକା ଆଇନ ସହାୟତା କମିଟି ପକ୍ଷରୁ ଅନୁଷ୍ଠିତ ଏହି ସଭାରେ କମିଟି ଅଧ୍ୟକ୍ଷ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସଞ୍ଜୟ କୁମାର ଶୁଭବ୍ରତ ଆଚାର୍ଯ୍ୟ ଅଧ୍ୟକ୍ଷତା କରିଥିଲେ। ଏଥିରେ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ପାଇଁ ରହିଥିବା ମୁକ୍ତ ଆଇନ ସହାୟତା ବ୍ୟବସ୍ଥା ଉପରେ ସଚେତନ କରାଯାଇଥିଲା। ଖେମୁଣ୍ଡି ଓକିଲ ସଂଘ ସଭାପତି ରସାନନ୍ଦ ରାଉତ, ସମ୍ପାଦକ ହରପ୍ରସାଦ ରଥ, ସରପଞ୍ଚ ବି.କ୍ରିଷ୍ଣାରାଓ ସୁବୁଦ୍ଧି, ଏପିପି ନକୁଳ ପ୍ରଧାନ, ଭାରପ୍ରାପ୍ତ ସମାଜ ମଙ୍ଗଳ ଅଧିକାରୀ ଭଗବାନ ବେହେରା, କମିଟି ସମ୍ପାଦକ କିଶୋର ଚନ୍ଦ୍ର ଗନ୍ତାୟତ, କୋର୍ଟ କର୍ମଚାରୀ କାଳିଆ ନାୟକ, ୱାର୍ଡସଭ୍ୟ ନିଳାଞ୍ଚଳ ପାଣିଗ୍ରାହୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ଆମ ପୋଲିସ ସମିତି ବୈଠକ



ବୈଠକରେ ଆଲୋଚନା ଚାଲିଛି।

**ରାଇକିଆ,୧୯(ଡ଼ି.ଏନ.ଏ)**

ରାଇକିଆ ଥାନା ପରିସରରେ ରବିବାର ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅତିଥି ଭାବେ ମେଡ଼ିକାଲ ଅଫିସର ଦେବାଶିଷ ଜେନା, ରାଇକିଆ ସରପଞ୍ଚ ପଞ୍ଚୁ ପ୍ରଧାନ ଯୋଗ ଦେଇଥିଲେ । ପ୍ରଥମେ ଦାରିଙ୍ଗବାଡ଼ିରୁ ବଦଳି ହୋଇ ନୂତନ ଭାବେ ରାଇକିଆ ଥାନା କାର୍ଯ୍ୟଭାର ସମ୍ଭାଳିଥିବା ଅଲେଖ ଗରଡ଼ିଆଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଓ ପୂର୍ବତନ ଥାନା ଅଧିକାରୀ ନରେଶ ସାହୁଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗ୍ରାମାଞ୍ଚଳରେ ଚୋରା ମଦ କାରବାର ବଢୁଛି । ଏଥିପାଇଁ ପାରିବାରିକ ଅଶାନ୍ତି ଦେଖାଦେଉଛି। ଯୁବଗୋଷ୍ଠୀ ମଦ୍ୟ ପାନ କରି ଗାଡି ଚଲାଇବା ଯୋଗୁ ଦୁର୍ଘଟଣା ଘଟୁଛି। ଏ ଦିଗରେ ପଦକ୍ଷେପ ନେବା ପାଇଁ ବୈଠକରେ ଆଲୋଚନା ହୋଇଥିଲା । ଏଥିସହ କାର୍ଯ୍ୟକାରୀ ହୋଇଥିବା ନୂଆ ମୋଟର ଯାନ ଆଇନ କାର୍ଯ୍ୟକାରୀ ହୋଇଥିବା ଓ ଏହାକୁ ଉଲ୍ଲଂଘନ କଲେ ସଂଶୋଧିତ ଜରିମାନା ବ୍ୟବସ୍ଥା ସମ୍ପର୍କରେ ମଧ୍ୟ ଅବଗତ କରାଯାଇଥିଲା। ବୈଠକରେ ଜିଲା ପରିଷଦ ସଭ୍ୟ ମୃତ୍ୟୁଞ୍ଜୟ ପାତ୍ର, ସମିତି ସଭ୍ୟା ମିନି ନାୟକ, ବେରେଡ଼ାକିଆ ସରପଞ୍ଚ ରଶ୍ମିତା ପ୍ରଧାନ, ମଣିକେଶ୍ୱର ସରପଞ୍ଚ ଭୂଷଣ ପ୍ରଧାନ, ମଣ୍ଡାକିଆ ସରପଞ୍ଚ ସୁଷମା ପ୍ରଧାନ, ଗୁମାମାହା ସରପଞ୍ଚ ବିସ୍କେସନ ପ୍ରଧାନ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ନାଗରିକ ମଞ୍ଚ ସଭାପତି ସୁଶାନ୍ତ ଜେନାଙ୍କ ସମେତ ବିଭିନ୍ନ ପଦାଧିକାରୀ, ସହରର ବୁଦ୍ଧିଜୀବୀ ଉପସ୍ଥିତ ରହି ନିଜ ନିଜର ମତ ରଖିଥିଲେ।

## କଲେଜରେ ସମ୍ବର୍ଦ୍ଧନା ଉତ୍ସବ

**ପୁରୁଷୋତ୍ତମପୁର,୧୯(ଡି.ଏନ୍.ଏ.)**

ତାରାତାରିଣୀ କଲେଜ ଅର୍ଥନୀତି ବିଭାଗ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ଅଧ୍ୟାପକ ଡ. ଶ୍ରୀରାମ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବିଘ୍ନରାଜ ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ଛାତ୍ରୀଛାତ୍ରଙ୍କୁ ଶିକ୍ଷାର ବିଭିନ୍ନ ଦିଗ ସମ୍ପର୍କରେ କହିଥିଲେ। ପରେ ନୂତନ ଛାତ୍ରୀଛାତ୍ରଙ୍କୁ କଲେଜ ଶୃଙ୍ଖଳା ସମ୍ପର୍କରେ ବୁଝାଯିବା ସହ ସ୍ୱାଗତ କରାଯାଇଥିଲା। ପରେ ଅଧ୍ୟକ୍ଷ ବିଘ୍ନରାଜ ପଟ୍ଟନାୟକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇ ତାଙ୍କର ଦୀର୍ଘାୟୁ କାମନା କରାଯାଇଥିଲା ।


## ଜନସାଧାରଣ, ମୋଟରଯାନ ଚାଳକ ଏବଂ ମାଲିକମାନଙ୍କ ନିମନ୍ତେ ସୂଚନା

ଭାରତ ସରକାରଙ୍କ ଦ୍ୱାରା ମୋଟରଯାନ ଆଇନ ୧୯୮୮ର ସଂଶୋଧନ କରାଯାଇଅଛି ଏବଂ ଏହି ସଂଶୋଧିତ ମୋଟରଯାନ ଆଇନ (Motor Vehicles (Amendment) Act 2019)ର ବିଭିନ୍ନ ନିୟମାବଳୀ ତା. ୦୧.୦୯.୨୦୧୯ଠାରୁ ଲାଗୁ କରାଯାଇଅଛି । ଏହି ସଂଶୋଧିତ ଆଇନରେ ଟ୍ରାଫିକ୍ ନିୟମ ଉଲଙ୍ଘନକାରୀ ମାନଙ୍କ ପାଇଁ କଠୋର ଆର୍ଥିକ ଦଣ୍ଡର ବ୍ୟବସ୍ଥା ଅଛି । ଜନସାଧାରଣ, ମୋଟରଯାନ ଚାଳକ ଏବଂ ମାଲିକମାନଙ୍କ ଅବଗତି ନିମନ୍ତେ କେତେକ ଗୁରୁତ୍ୱପୂର୍ଣ୍ଣ ଦଫାରେ ଆର୍ଥିକ ଜରିମାନା ପରିମାଣ ନିମ୍ନଲିଖିତ ସାରଣୀରେ ପ୍ରଦାନ କରାଗଲା ।

### ଟ୍ରାଫିକ୍ ନିୟମ ଭାଙ୍ଗିଲେ ଜରିମାନା (ଟଙ୍କାରେ)

| ଦଫା | ଆଇନ ଉଲଙ୍ଘନର ପ୍ରକାର | ପ୍ରଥମ ଉଲଙ୍ଘନ | ଦ୍ୱିତୀୟ ଓ ପରବର୍ତ୍ତୀ ଉଲଙ୍ଘନ |
|---|---|---|---|
| 177 | ସାଧାରଣ ନିୟମ ଖିଲାପ | ୫୦୦ | ୧୫୦୦ |
| 177 (A) | ଗାଡ଼ି ଚାଳନା ନିୟମର ଖିଲାପ | ୧୦୦୦ | ୧୦୦୦ |
| 178 | ବିନା ଟିକଟରେ ଯାତ୍ରା | ୫୦୦ | ୫୦୦ |
| 179 (1) | କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶ ଅବମାନନା | ୨୦୦୦ | ୨୦୦୦ |
| 179 (2) | ଜାଣିଶୁଣି ସୂଚନା ନ ଦେବା | ୨୦୦୦ | ୨୦୦୦ |
| 180 | ଅଣସ୍ୱୀକୃତ ବ୍ୟକ୍ତିଙ୍କୁ ଗାଡ଼ି ଚଳାଇବାକୁ ଦେବା | ୫୦୦୦ | ୫୦୦୦ |
| 181 | ବିନା ଡ୍ରାଇଭିଂ ଲାଇସେନ୍ସ ରେ ଗାଡ଼ି ଚଳାଇବା | ୫୦୦୦ | ୫୦୦୦ |
| 182 (1) | ଡ୍ରାଇଭିଂ ଲାଇସେନ୍ସ ବାତିଲ ବେଳେ ଗାଡ଼ି ଚଳାଇବା | ୧୦,୦୦୦ | ୧୦,୦୦୦ |
| 182 (2) | କଣ୍ଡକ୍ଟର ଲାଇସେନ୍ସ ନଥିବା | ୧୦,୦୦୦ | ୧୦,୦୦୦ |
| 182 (A)(4) | ମାଲିକଙ୍କ ଦ୍ୱାରା ନିୟମ ବର୍ହିଭୁତ ଭାବେ ଗାଡ଼ିରେ ପରିବର୍ତ୍ତନ କରିବା | ୫୦୦୦ | ୫୦୦୦ |
| 183 (i) | ଦ୍ରୁତ ଗତିରେ ହାଲୁକା ମୋଟରଯାନ ଚଳାଇବା | ୨୦୦୦ | ୨୦୦୦ |
| 183 (ii) | ଦ୍ରୁତ ଗତିରେ ମଧ୍ୟମ ଓ ଭାରିଯାନ ଚଳାଇବା | ୪୦୦୦ | ୪୦୦୦ |
| 184 (A) | ରେଡ୍ ଲାଇଟ୍ ଡେଇଁଯିବା | ୫୦୦୦ | ୧୦୦୦୦ |
| 184 (B) | 'ଅଟକିବା ସଙ୍କେତ' ନ ମାନିବା | ୫୦୦୦ | ୧୦୦୦୦ |
| 184 (C) | ଗାଡ଼ି ଚଳାଇବା ବେଳେ ମୋବାଇଲ୍ ବ୍ୟବହାର କରିବା | ୫୦୦୦ | ୧୦୦୦୦ |
| 184 (D) | ବେଆଇନ ଓଭରଟେକିଂ | ୫୦୦୦ | ୧୦୦୦୦ |
| 184 (E) | ଟ୍ରାଫିକ୍‌ର ବିପରୀତ ଦିଗରେ ଗାଡ଼ି ଚଳାଇବା | ୫୦୦୦ | ୧୦୦୦୦ |
| 184 (F) | ବିପଜ୍ଜନକ ଗାଡ଼ିଚାଳନା | ୫୦୦୦ | ୧୦୦୦୦ |
| 185 | ନିଶାସେବନ କରି ଗାଡ଼ି ଚଳାଇବା | ୧୦୦୦୦ | ୧୫୦୦୦ |
| 187 | ଦୁର୍ଘଟଣା ଘଟାଇବା | ୫୦୦୦ | ୧୦୦୦୦ |
| 189 | ବିନା ଅନୁମତିରେ ରେସିଂ ଓ ପରୀକ୍ଷଣ କରିବା | ୫୦୦୦ | ୧୦୦୦୦ |
| 190 (1)(A) | ଅସୁରକ୍ଷିତ ଗାଡ଼ିକୁ ଚଳାଇବା | ୧୫୦୦ | ୧୫୦୦ |
| 190 (2) | ବାୟୁ ଓ ଶବ୍ଦ ପ୍ରଦୂଷଣ ନିୟମ ଖିଲାପ | ୧୦୦୦୦ | ୧୦୦୦୦ |
| 190 (3) | ବେନିୟମ ଭାବେ ବିପଦପୂର୍ଣ୍ଣ ସାମଗ୍ରୀ ପରିବହନ କରିବା | ୧୦୦୦୦ | ୨୦୦୦୦ |
| 192 | ବୈଧ ରେଜିଷ୍ଟ୍ରେସନ ଓ ଫିଟ୍‌ନେସ୍ ପ୍ରମାଣପତ୍ର ବିନା ଗାଡ଼ି ଚଳାଇବା ଏବଂ ମାଲ୍‌ଗାଡ଼ିରେ ଯାତ୍ରୀ ପରିବହନ କରିବା | ୫୦୦୦ | ୧୦୦୦୦ |
| 192 (A) | ପରମିଟ୍ ନଥାଇ କିମ୍ବା ପରମିଟ୍ ନିୟମ ଖିଲାପକରି ଗାଡ଼ି ଚଳାଇବା | ୧୦୦୦୦ | ୧୦୦୦୦ |
| 194 (1) | ମାଲବାହୀ ଗାଡ଼ିରେ ଧାର୍ଯ୍ୟ କ୍ଷମତା ଠାରୁ ଅଧିକ ମାଲ ପରିବହନ କରିବା | ୨୦୦୦୦ (ଅତିରିକ୍ତ ଟନ୍ ପିଛା ୨୦୦୦) | |
| 194 (1)(A) | ଯାନର ଉଭୟ ପାର୍ଶ୍ୱ, ଆଗ ଓ ପଛ ପାର୍ଶ୍ୱ ଏବଂ ଉଚ୍ଚତାର ଧାର୍ଯ୍ୟ ସୀମା ବାହାରେ ମାଲ ପରିବହନ କରିବା | ୨୦୦୦୦ | ୨୦୦୦୦ |
| 194 (A) | ବାଣିଜ୍ୟିକ ଯାନରେ କ୍ଷମତାଠାରୁ ଅଧିକ ଯାତ୍ରୀ ପରିବହନ କରିବା | ପ୍ରତି ଅଧିକ ଯାତ୍ରୀ ପିଛା ୨୦୦ | |
| 194 (B)(1) | ଚାଳକ ଓ ଯାତ୍ରୀ ସିଟ୍ ବେଲ୍ଟ ନ ପିନ୍ଧିବା | ୧୦୦୦ | ୧୦୦୦ |
| 194 (B)(2) | ୧୪ ବର୍ଷରୁ କମ୍ ବୟସର ପିଲାଙ୍କୁ ବିନା ସୁରକ୍ଷା ବ୍ୟବସ୍ଥାରେ ଗାଡ଼ିରେ ନେବା | ୧୦୦୦ | ୧୦୦୦ |
| 194 (C) | ଦୁଇଚକିଆ ଯାନରେ ୨ ଜଣରୁ ଅଧିକ ଯାତ୍ରା କରିବା | ୧୦୦୦ | ୧୦୦୦ |
| 194 (D) | ଦୁଇଚକିଆ ଯାନରେ ଚାଳକ ଓ ସହଯାତ୍ରୀ ହେଲ୍‌ମେଟ୍ ନ ପିନ୍ଧିବା | ୧୦୦୦ | ୧୦୦୦ |
| 194 (E) | ଜରୁରିକାଳୀନ ଗାଡ଼ିକୁ ବାଟ ନ ଦେବା | ୧୦୦୦୦ | ୧୦୦୦୦ |
| 194 (F)(A) | ଅନାବଶ୍ୟକ ଭାବେ, ଲଗାତର ଭାବେ ଓ ନିଷିଦ୍ଧାଞ୍ଚଳରେ ହର୍ଣ୍ଣ ବଜାଇବା | ୧୦୦୦ | ୨୦୦୦ |
| 194 (F)(B) | ମୋଟରଯାନର ସାଇଲେନ୍ସରକୁ ବିକୃତ କରିବା | ୧୦୦୦ | ୨୦୦୦ |
| 196 | ବିନା ଇନ୍‌ସ୍ୟୁରାନ୍ସରେ ଗାଡ଼ି ଚଳାଇବା | ୨୦୦୦ | ୪୦୦୦ |
| 199 (A)(2) | କିଶୋର ବୟସ (ଜୁଭେନାଇଲ୍) ରେ ଗାଡ଼ି ଚଳାଇବା | ୨୫୦୦୦ | ୨୫୦୦୦ |

ଆଇନ ଉଲଙ୍ଘନକାରୀ ମାନଙ୍କୁ ଧରିବା ନିମନ୍ତେ ରାଜ୍ୟ ପୁଲିସ୍ ଏବଂ ପରିବହନ ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଅଛି । ସମସ୍ତ ସଡ଼କ ବ୍ୟବହାରକାରୀ ମାନଙ୍କୁ ଟ୍ରାଫିକ୍ ନିୟମର କଡ଼ାକଡ଼ି ଅନୁପାଳନ ନିମନ୍ତେ ଅନୁରୋଧ କରାଯାଉଅଛି ।

**ଆସନ୍ତୁ ଓଡ଼ିଶାକୁ ଏକ ସଡ଼କ ଦୁର୍ଘଟଣା ମୁକ୍ତ ରାଜ୍ୟରେ ପରିଣତ କରିବା ।**

ପରିବହନ କମିଶନର, ଓଡ଼ିଶା

ODISHA ROAD SAFETY SOCIETY

ଓଡ଼ିଶା ରୋଡ଼ ସେଫ୍ଟି ସୋସାଇଟି

## ସଂକ୍ଷେପରେ

### ଝାମି ମନ୍ଦିର ଉନ୍ନୟନ କମିଟି ବୈଠକ

**ବ୍ରହ୍ମପୁର ଅଫିସ୍,୧୯:** ଝାମି ମନ୍ଦିର ମଣ୍ଡପରେ ଉନ୍ନୟନ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସାଧାରଣ ସମ୍ପାଦକ ସୁରେଶ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ବୈଠକରେ ମନ୍ଦିରର ଉନ୍ନତି ନିମନ୍ତେ ଆଲୋଚନା କରାଯାଇଥିଲା। ଏଥି ସହ ଆଗାମୀ ଝାମି ଯାତ୍ରାକୁ କିଭଳି ଧୁମ୍‌ଧାମ୍‌ରେ ପାଳନ କରାଯିବ ସେ ସମ୍ପର୍କରେ ସଦସ୍ୟମାନେ ମତ ରଖିଥିଲେ। କମିଟି ସମ୍ପାଦକ ଗୌରାଙ୍ଗ ଚୌଧୁରୀ, ଜଗନ୍ନାଥ ବେହେରା, ଦୁର୍ଗାମାଧବ ସୁବୁଦ୍ଧି, ନାରାୟଣ ଚୌଧୁରୀ, କେ.ଭି.ଆର ପଟ୍ଟନାୟକ, ଉମା ପାଣିଗ୍ରାହୀ, କିଶୋର କୁମାର ପଟ୍ଟନାୟକ, ନବ କିଶୋର ମହାପାତ୍ର, ନୀଳମଣି ପୃଷ୍ଟି, ଅଜୟ ସାହୁ, ରମେଶ ଚନ୍ଦ୍ର ଦାସ, ଅନିଲ ଚୌଧୁରୀ ଓ ଅସିତ ପଣ୍ଡାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ । ଶେଷରେ ସମ୍ପାଦକ ଚୌଧୁରୀ ଧନ୍ୟବାଦ ଦେଇଥିଲେ ।

### ଅବସରକାଳୀନ ସମ୍ବର୍ଦ୍ଧନା

**ବ୍ରହ୍ମପୁର ଅଫିସ୍,୧୯:** ଜିଇଡି ସବ୍‌ଡିଭିଜନ କାର୍ଯ୍ୟାଳୟରେ ଜିଇଡିର ବରିଷ୍ଠ କର୍ମଚାରୀ ତଥା ସଂଘ ନେତା ଗୋବିନ୍ଦ ଚନ୍ଦ୍ର ପଣ୍ଡାଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି । ଏହି ଅବସରରେ ବିଭାଗୀୟ ଏସ୍‌ଡିଓ ସୁବାସ ଚନ୍ଦ୍ର ନାୟକ ଉପଢ଼ୌକନ, ପୁଷ୍ପଗୁଚ୍ଛ ଆଦି ଦେଇ ସମ୍ବର୍ଦ୍ଧିତ କରିଥିଲେ। ଗଞ୍ଜାମ ଜିଲା ଜିଇଡି କର୍ମଚାରୀ ସଂଘ ଉପଦେଷ୍ଟା ରବି ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସହକାରୀ ଯନ୍ତ୍ରୀ ଇଂ. ସୁବାସ ଚନ୍ଦ୍ର ନାୟକ, କନିଷ୍ଠ ଯନ୍ତ୍ରୀ ନବୀନ ମହାଙ୍କୁଡ଼, ପଙ୍କଜ ରଣା, ମମତା ପାଣିଗ୍ରାହୀ, କର୍ମଚାରୀ ସଂଘର ନବ ନିଯୁକ୍ତ ସମ୍ପାଦକ ଉତ୍ସବ ସାବତ, ଶିବରାମ ପଣ୍ଡା, ବି. ଲେଛମେୟା, ଦିଲୀପ କୁମାର ରେଡ୍ଡୀ ଓ ନାଗଭୂଷଣ ରାଓ ପ୍ରମୁଖ ଭାଷଣ ଦେଇଥିଲେ ।

### ଅଧାପିକାଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

**ଦିଗପହଣ୍ଡି,୧୯(ଡି.ଏନ.ଏ.):** ଦିଗପହଣ୍ଡି ଖେମୁଣ୍ଡି କଲେଜ ଇଂଲିଶ ବିଭାଗ ମୁଖ୍ୟ ଅଧାପିକା ପ୍ରତିଭା ମିଶ୍ରଙ୍କୁ ଶନିବାର ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏନେଇ ଆୟୋଜିତ ସଭାରେ ଅଧକ୍ଷା ପ୍ରଣତି ପାତ୍ର ସଭାପତିତ୍ୱ କରିଥିଲେ। ତାଙ୍କ ଅବସର ପରବର୍ତ୍ତୀ ସମୟ ଖୁସିରେ କଟୁ ବୋଲି ଅତିଥିମାନେ କାମନା କରିଥିଲେ। ଏହାପରେ କଲେଜ ପକ୍ଷରୁ ଅଧାପିକା ମିଶ୍ରଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ବରିଷ୍ଠ ଅଧାପକ ଉଜ୍ଜ୍ୱଳ ପଣ୍ଡା, ଡ.ସନ୍ତୋଷ କୁମାର ସାହୁ, ଡ.କୃଷ୍ଣ ଚନ୍ଦ୍ର ପ୍ରଧାନ, ହର୍ଷ ଚନ୍ଦ୍ର ରଥ, ଅନିତା କୁମାରୀ ପାଣି, କୈଳାସ ଚନ୍ଦ୍ର ମହାପାତ୍ର, ଭାରତୀ ଭୂଷଣ ମହାରଣା, ଜ୍ଞାନ ରଞ୍ଜନ ରେଡ୍ଡୀ, ଆରତୀ ପାତ୍ର, ପୁଷ୍ପଲତା ସାହୁଙ୍କ ସମେତ ବହୁ ଅଧାପିକା ଅଧାପକ ଓ କର୍ମଚାରୀ ଉପସ୍ଥିତ ଥିଲେ।

ଆଜି କ'ଣ କେଉଁଠି ସ୍ତମ୍ଭରେ ଆପଣଙ୍କ ଅଞ୍ଚଳର କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

## ଗଞ୍ଜାମ କଂଗ୍ରେସର ସଙ୍ଗିନ୍ ଅଭିଯୋଗ

# ସବୁ ସହରାଞ୍ଚଳରେ ବର୍ଜ୍ୟବସ୍ତୁ ପ୍ଲାଣ୍ଟ ନିର୍ମାଣ ଧୂଆଁବାଣ

- ପୌର ନିର୍ବାଚନକୁ ଦୃଷ୍ଟିରେ ରଖି କରାଯାଇଛି ଘୋଷଣା
- ବ୍ରହ୍ମପୁର ପାଇଁ ପ୍ରସ୍ତାବିତ ଯୋଜନା କାର୍ଯ୍ୟକ୍ଷମ ଦାବି

**ବ୍ରହ୍ମପୁର ଅଫିସ,୧୯**

ବ୍ରହ୍ମପୁର ମହାନଗର ନିଗମ ପାଇଁ ମହୁଡ଼ାରେ ପ୍ରସ୍ତାବିତ ସଲିଡ ୱେଷ୍ଟ ମ୍ୟାନେଜମେଣ୍ଟ ପ୍ଲାଣ୍ଟ ନିମନ୍ତେ ମୁଖ୍ୟମନ୍ତ୍ରୀ ୨୦୧୩ ଅକ୍ଟୋବର ୩ରେ ଶିଳାନ୍ୟାସ କରିଥିଲେ । ଏହାର ୬ ବର୍ଷ ପୁରିବାକୁ ଯାଉଛି ଏବଂ ପ୍ରକଳ୍ପ ସ୍ଥାନରେ କେବଳ ପ୍ରାଚୀର ନିର୍ମାଣରେ ଅଟକିଛି । ଏଭଳି ସ୍ଥିତିରେ ଗଞ୍ଜାମ ଜିଲାର ସବୁ ସହରାଞ୍ଚଳରେ ଆସନ୍ତା ମାର୍ଚ୍ଚ ସୁଦ୍ଧା ବର୍ଜ୍ୟବସ୍ତୁ ପରିଚାଳନା ପ୍ରକଳ୍ପ ନିର୍ମାଣ କରାଯିବାର ସରକାରୀ ଘୋଷଣା ଧୂଆଁବାଣ ହୋଇଥିବା ଜିଲା କଂଗ୍ରେସ ସମାଲୋଚନା କରିଛି। ଅନ୍ୟପକ୍ଷରେ ବିଏମ୍‌ସିର 'ମୋ ସହର, ପରିଷ୍କାର ସହର' (ମାଇ ସିଟି, କ୍ଲିନ ସିଟି) ଯୋଜନା ପ୍ରହସନରେ ପରିଣତ ହୋଇଥିବା କଂଗ୍ରେସ ସଙ୍ଗିନ ଅଭିଯୋଗ କରିଛି ।

ଜିଲା କଂଗ୍ରେସ କାର୍ଯ୍ୟକାରୀ ସଭାପତି ଆଇନଜୀବୀ ପୀତବାସ ପଣ୍ଡା ରବିବାର କହିଛନ୍ତି, ସ୍ୱାୟତ୍ତ ଶାସନ ଦିବସ ପାଳନ ଅବସରରେ ପ୍ରଶାସନ ପକ୍ଷରୁ ଛତ୍ରପୁରରେ ଏକ ବୈଠକ ଅନୁଷ୍ଠିତ ହୋଇ ଗଞ୍ଜାମର ୧୮ ସହରାଞ୍ଚଳରେ ବର୍ଜ୍ୟବସ୍ତୁ ପରିଚାଳନା ପ୍ଲାଣ୍ଟ କାର୍ଯ୍ୟକ୍ଷମ କରାଯିବାର ପ୍ରଚାର କରାଯାଇଛି । ଜିଲାର ବଡ଼ ସହର ବ୍ରହ୍ମପୁର ପାଇଁ ଗୋଟିଏ ପ୍ରକଳ୍ପ ନିର୍ମାଣ ହୋଇପାରୁ ନ ଥିବା ବେଳେ ସବୁ ସହରାଞ୍ଚଳରେ ମାତ୍ର ୬ ରୁ ୭ ମାସ ମଧ୍ୟରେ କିଭଳି ହେବ ବୋଲି ପଣ୍ଡା ପ୍ରଶ୍ନ କରିଛନ୍ତି । ସେ ଆହୁରି କହିଛନ୍ତି, ୨୦୧୩ ରେ ପିପିପି ମୋଡରେ ସଲିଡ ୱେଷ୍ଟ ମ୍ୟାନେଜମେଣ୍ଟ ପ୍ଲାଣ୍ଟ ନିର୍ମାଣ ଲାଗି ପ୍ରସ୍ତାବ ରଖାଗଲା । ଏଥିପାଇଁ ୭୦ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିଲା । ଗୁଜରାଟର ଏକ ଘରୋଇ ଉଦ୍ୟୋଗ ଦ୍ୱାରା ପ୍ଲାଣ୍ଟ ନିର୍ମାଣ କରାଯିବା ନିଷ୍ପତ୍ତି ନିଆଯାଇଥିଲା ।

ଇଣ୍ଟର ନ୍ୟାଶନାଲ ଫାଇନାନ୍ସ କର୍ପୋରେଶନ (ଆଇଏଫସି)ର ଜଣେ ମହିଳା ଅଧିକାରୀ ମଧ୍ୟସ୍ଥ ସାଜିଥିଲେ । ଗୁଜରାଟର ସେହି ଉଦ୍ୟୋଗକୁ ସେ ବାଛିଥିଲେ। ପ୍ଲାଣ୍ଟ ନିର୍ମାଣ ପାଇଁ ପ୍ରଶାସନ ପକ୍ଷରୁ ବ୍ରହ୍ମପୁର ନିକଟ ମହୁଡ଼ାରେ ଆବଶ୍ୟକ ଜମି ଚିହ୍ନଟ ପରେ ୨୦୧୩ ଅକ୍ଟୋବର ୩ରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଶୁଭ ଦିଆଯାଇଥିଲା। ବିଏମ୍‌ସି ସହିତ ହୋଇଥିବା ଚୁକ୍ତିନାମା ସେହି ଉଦ୍ୟୋଗ ଖିଲାପ କରି ପ୍ରକଳ୍ପ ନିର୍ମାଣରୁ ଓହରିଗଲା । ଅନ୍ୟପକ୍ଷରେ ବ୍ରହ୍ମପୁରରୁ ଦୈନିକ ୧୪୦ ରୁ ୧୫୦ ଟନ ବର୍ଜ୍ୟବସ୍ତୁ ଉତ୍ପନ୍ନ ହେଉଛି । ରେଶମ ନଗରୀର ଆବର୍ଜନା ପରିଚାଳନାକୁ ମହୁଡ଼ା ଅଞ୍ଚଳବାସୀ ବିରୋଧ କରୁଛନ୍ତି । ଏଭଳି ସ୍ଥିତିରେ ପ୍ଲାଣ୍ଟ ନିର୍ମାଣରେ ପ୍ରତିବନ୍ଧକ ଦେଖାଦେଇଛି । ମହୁଡ଼ାରେ ପ୍ଲାଣ୍ଟ ନିର୍ମାଣ ପାଇଁ ବିଏମ୍‌ସି ୪୦ରୁ ଊର୍ଦ୍ଧ୍ୱ କୋଟି ଟଙ୍କା ଋଣ ଆଣି ମଧ କାର୍ଯ୍ୟକାରୀ କରିପାରୁ ନ ଥିବା କଂଗ୍ରେସ ସମାଲୋଚନା କରିଛି । ତେଣୁ ବିଏମ୍‌ସିର ଯୋଜନା ଫସର ଫାଟିବାର ତାଚ୍ଛଲ୍ୟ କରାଯାଇଛି। ତେଣୁ ଜିଲାର ୧୮ ସହରାଞ୍ଚଳରେ ସଲିଡ ୱେଷ୍ଟ ମ୍ୟାନେଜମେଣ୍ଟ ପ୍ଲାଣ୍ଟ ନିର୍ମାଣ ଘୋଷଣା ଆଗାମୀ ପୌର ନିର୍ବାଚନକୁ ଦୃଷ୍ଟିରେ ରଖି କରାଯାଇଥିବା କାର୍ଯ୍ୟକାରୀ ସଭାପତି କଟାକ୍ଷ କରିଛନ୍ତି ।

# ୬୫ ଜଣଙ୍କ ଚକ୍ଷୁ ପରୀକ୍ଷା



ଶିବିରରେ ଚକ୍ଷୁ ପରୀକ୍ଷା କରାଯାଉଛି ।

**ବ୍ରହ୍ମପୁର ଅଫିସ୍,୧୯**

ବ୍ରହ୍ମପୁର ହରିଡାଖଣ୍ଡି ଛକ ନିକଟରେ ଥିବା ବିଶ୍ୱକର୍ମା ମନ୍ଦିର ପ୍ରାଙ୍ଗଣରେ ଏକ ଚକ୍ଷୁ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। ଅମ୍ବିକା ବାହିନୀ ସେବା ସଂସ୍ଥା ତରଫରୁ ପୂର୍ବତନ ସଭାପତି ସ୍ୱର୍ଗତ ଗୌର ଚନ୍ଦ୍ର ପାଢୀଙ୍କ ପ୍ରଥମ ଶ୍ରାଦ୍ଧ ଦିବସ ଅବସରରେ ଏହି ଶିବିର ଆୟୋଜନ କରାଯାଇଥିଲା। ଡା. ବି .ନାଗେଶ୍ୱର ରାଓ ସୁବୁଦ୍ଧି ଏବଂ ସହଯୋଗୀମାନେ ଚକ୍ଷୁ ପରୀକ୍ଷା କରିଥିଲେ । କ୍ରିଷ୍ଣା ଭାୟାଜୀ ମହାରାଜ ପ୍ରଦୀପ ପ୍ରଜ୍ୱଳନ କରି ଚିକିତ୍ସା ଶିବିରକୁ ଉଦ୍‌ଘାଟନ କରିଥିଲେ। ଅମ୍ବିକା ବାହିନୀ ସେବା ସଂସ୍ଥା ସଭାପତି ସୁଧାଂଶୁବାଳା ପାଣିଗ୍ରାହୀଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନିଲ କୁମାର ଚୌଧୁରୀ, ଅଜିତ ପଣ୍ଡା, ଅସିତ ସାବତ, ବି. ଦୁର୍ଗା ରାଓ, ସନ୍ତୋଷ କୁମାର ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଶିବିରରେ ୬୫ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୮ଜଣଙ୍କୁ ଚିହ୍ନଟ କରି ଅପରେଶନ ପାଇଁ ବ୍ୟବସ୍ଥା କରାଯାଇଛି । ହରି ସେଠୀ, ସନ୍ତୋଷ କୁମାର ସାହୁ, ଅନିଲ ବିଷୋୟୀ, ରଞ୍ଜନ ପାଢୀ ଓ ବିଶ୍ୱକର୍ମା ମନ୍ଦିର ଉନ୍ନୟନ କମିଟି ସଭାପତି ଦେବହରି ମହାରଣା, ସମ୍ପାଦକ ଶଙ୍କର ମହାରଣା, କୋଷାଧକ୍ଷ ପ୍ରଫୁଲ୍ଲ ମହାରଣା, ରାଜେନ୍ଦ୍ର ମହାରଣା, ପ୍ରଶାନ୍ତ ମହାରଣାଙ୍କ ସମେତ ଅମ୍ବିକା ବାହିନୀର ବହୁ ସଦସ୍ୟ ଓ ମନ୍ଦିର କମିଟି ସଦସ୍ୟ ଏବଂ ସ୍ଥାନୀୟ ଅଞ୍ଚଳର ବହୁ ଯୁବକ ସହାୟତା କରିଥିଲେ।

# ସରକାରୀ ଜମିରେ ହେବ ପାଚେରି



ବୈଠକରେ ଯୋଗ ଦେଇଥିବା ରାଜସ୍ୱ ବିଭାଗ ଅଧିକାରୀମାନେ ।

**ବ୍ରହ୍ମପୁର ଅଫିସ୍,୧୯**

ବ୍ରହ୍ମପୁର ଉପଖଣ୍ଡସ୍ତରୀୟ ରାଜସ୍ୱ ସମୀକ୍ଷା ବୈଠକରେ ବ୍ରହ୍ମପୁର ଉପଜିଲାପାଳ ଶିନ୍ଦେ ଦତ୍ତାତ୍ରୟ ଭାଉସାହେବ ଅଧକ୍ଷତା କରିଥିଲେ। ଏଥିରେ ଉପଖଣ୍ଡସ୍ତରୀୟ ସମସ୍ତ ତହସିଲଦାର, ଅତିରିକ୍ତ ତହସିଲଦାର ଏବଂ ରାଜସ୍ୱ ପର୍ଯ୍ୟବେକ୍ଷକ ଯୋଗ ଦେଇଥିଲେ । ରାଜସ୍ୱ ସମ୍ପର୍କିତ ବିଭିନ୍ନ ବିଷୟ ଉପରେ ଆଲୋଚନା କରାଯାଇଥିଲା। ମୁଖ୍ୟତଃ ଜମି କିଣାବିକା, ସମସ୍ତ ରାଜସ୍ୱ କାର୍ଯ୍ୟାଳୟ ଗୁଡ଼ିକରେ ନାମଫଳକ ଲଗାଇବା, ପାଚେରି ନିର୍ମାଣ ଏବଂ ଜନସାଧାରଣଙ୍କୁ ଠିକ୍ ସମୟରେ ସେବା ପ୍ରଦାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ସରକାରୀ ଜମିକୁ ଜବରଦଖଲ ମୁକ୍ତ କରିବା ପାଇଁ ପାଚେରି ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ତହସିଲ ଅଧୀନରେ ସମାଧାନ ଶିବିର ଆୟୋଜନ କରି ଆପତ୍ତି ଅଭିଯୋଗର ତ୍ୱରିତ ସମାଧାନ ଉପରେ ଗୁରୁତ୍ୱ ଦିଆଯାଇଥିଲା। ବୈଠକରେ ସହକାରୀ ଜିଲାପାଳ ବିନୋଦ କୁମାର ବେହେରାଙ୍କ ସମେତ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ମତଦାତା ଯାଞ୍ଚ କାର୍ଯ୍ୟକ୍ରମ ଶୁଭାରମ୍ଭ

**ଛତ୍ରପୁର,୧୯(ଡି.ଏନ.ଏ.)**

ଛତ୍ରପୁରସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ରବିବାର ମତଦାତା ଯାଞ୍ଚ କାର୍ଯ୍ୟକ୍ରମର ଏକ ସଚେତନତା ରଥକୁ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି। ଏହି ରଥ ଜିଲାର ବିଭିନ୍ନ ସ୍ଥାନକୁ ଯାଇ ମତଦାତା ଯାଞ୍ଚ ପ୍ରକ୍ରିୟାରେ ସାମିଲ ହେବାପାଇଁ ଭୋଟରଙ୍କୁ ସଚେତନତା କରିବ। ଜିଲାର ସମସ୍ତ ବୁଥ୍‌ରେ ଏହା ଚାଲିବ। ଅକ୍ଟୋବର ୧୫ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ସୂଚନା ଦିଆଯାଇଛି । ଭୋଟର ତାଲିକାରେ ଭୁଲ୍ ରହିଥିଲେ ନିଜ ବୁଥକୁ ଯାଇ ବିଏଲଓ (ବୁଥ୍ ଲେଭଲ ଅଫିସର)ଙ୍କୁ ଜଣାଇପାରିବ । ଭୋଟର ତାଲିକାରେ ନୂତନ ଭାବେ ନାମ ସଂଯୋଗ କରିହେବ । ଛତ୍ରପୁରସ୍ଥିତ ଗଣେଶ ବିଦ୍ୟାପୀଠକୁ ଜିଲାପାଳ ଯାଇ ସେଠାରେ ଚାଲିଥିବା ୨ଟି ବୁଥ୍ ପରିଦର୍ଶନ କରିବା ସହ ଏ ସମ୍ପର୍କରେ ପଚାରି ବୁଝିଥିଲେ । ସେହିପରି ଛତ୍ରପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଖୋଲା ଯାଇଥିବା ଭୋଟର ସହାୟତା କେନ୍ଦ୍ର ମଧ୍ୟ ପରିଦର୍ଶନ କରିଥିଲେ। ଅତିରିକ୍ତ ଜିଲାପାଳ ଲକ୍ଷ୍ମୀକାନ୍ତ ସେଠୀ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ବ୍ରହ୍ମପୁର ଉପଜିଲାପାଳ ସିନ୍ଦେ ଦତ୍ତାତ୍ରୟ ଭାଉସାହେବ, ଛତ୍ରପୁର ବିଡିଓ ଅମ୍ବିକା ପ୍ରସାଦ ଦାଶ, ତହସିଲଦାର ନୀଳ ମାଧବ ଭୋଇ, ଆସିଷ୍ଟାଣ୍ଟ କଲେକ୍ଟର ଶରତ କୁମାର ପାତ୍ର, ଜିଲା ନିର୍ବାଚନ ଅଧିକାରୀ ଡ. ବିଜୟାନନ୍ଦ ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ସମସ୍ତଙ୍କୁ ଆର୍ଥିକ ସୁବିଧା ଯୋଗାଇବା ଏଲ୍‌ଆଇସିର ଲକ୍ଷ୍ୟ

**ବ୍ରହ୍ମପୁର ଅଫିସ୍,୧୯**

ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି)ର ୬୩ତମ ଜନ୍ମ ବାର୍ଷିକୀ ଅବସରରେ ଖୋଡ଼ାସିଙ୍ଗି ମଣ୍ଡଳ କାର୍ଯ୍ୟାଳୟରେ ରବିବାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ମଣ୍ଡଳ ପ୍ରବନ୍ଧକ ଶଙ୍କର ପ୍ରସାଦ ପରିଚ୍ଛା ସପ୍ତାହ ବ୍ୟାପୀ ହେବାକୁ ଥିବା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଦେଶର ପ୍ରତ୍ୟେକ ବ୍ୟକ୍ତିଙ୍କୁ ଆର୍ଥିକ ଭାବେ ସୁରକ୍ଷିତ କରିବା ଏଲ୍‌ଆଇସିର ମୂଳ ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଥିଲେ । ସମାଜର ପ୍ରତ୍ୟେକ ବର୍ଗରୁ ଅଧିକରୁ ଅଧିକ ଲୋକଙ୍କ ପାଖରେ ଏଲ୍‌ଆଇସିର ସୁବିଧା ପହଞ୍ଚାଇବା ପାଇଁ ସମସ୍ତେ ଉଦ୍ୟମ କରିବା ଆବଶ୍ୟକ ବୋଲି ସେ ଆହ୍ୱାନ ଦେଇଥିଲେ। ବୀମାଧାରୀଙ୍କୁ ଉପଯୁକ୍ତ ସେବା ଯୋଗାଇ ଦେବାକୁ ଗୁରୁତ୍ୱ ଦେବା ପାଇଁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ପରେ ଏହି ଅବସରରେ କାର୍ଯ୍ୟାଳୟ ସମ୍ମିଳନୀ ଗୃହରେ ଏକ ଖବରଦାତା ସମ୍ମିଳନୀ ଆୟୋଜିତ ହୋଇଥିଲା। ମଣ୍ଡଳ ପ୍ରବନ୍ଧକ ପରିଚ୍ଛା ନିଗମ ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ। ଗତ ଆର୍ଥିକ ବର୍ଷରେ ନିଗମର ୨ କୋଟି ୧୪ଲକ୍ଷ ୩୩ହଜାର ପଲିସି ମାଧ୍ୟମରେ ୧୪୨୧୯୧ କୋଟି ଟଙ୍କା ପ୍ରଥମ ପ୍ରିମିୟମ୍ ସଂଗ୍ରହ କରାଯାଇଛି । ସର୍ବଭାରତୀୟସ୍ତରରେ ଏଲ୍‌ଆଇସି ପ୍ରଥମ ସ୍ଥାନ ଅଧିକାର କରିଛି । ବ୍ରହ୍ମପୁର ମଣ୍ଡଳୀ ୧.୯୮ ଲକ୍ଷ ପଲିସି ମାଧ୍ୟମରେ ୨୬୩ କୋଟି ଟଙ୍କା ସଂଗ୍ରହ କରିଛି। ଭାରତୀୟ ଜୀବନ ବୀମା ନିଗମ ସର୍ବ ଭାରତୀୟସ୍ତରରେ ୨.୫୯କୋଟି ପଲିସି ମାଧ୍ୟମରେ ୧୬୩୧୦୪ କୋଟି ଟଙ୍କା କ୍ଲେମ୍ ଦିଆଯାଇଥିଲା। ସେହିଭଳି ମୃତ୍ୟୁ ବୀମା ଦାବି ୯୮.୨୭ ପ୍ରତିଶତ ଏବଂ ମ୍ୟାଚୁରିଟିରେ ୯୨.୯୫ ପ୍ରତିଶତ ରହିଥିଲା। ବ୍ରହ୍ମପୁର ମଣ୍ଡଳ ୧ ଲକ୍ଷ ୮୨ହଜାର ମ୍ୟାଚୁରିଟି କ୍ଲେମ୍ ଏବଂ ୫ହଜାର ୯୧୫ ମୃତ୍ୟୁ ବୀମା ପ୍ରଦାନ କରିଛି । ଅନ୍ୟପଟେ ନିଗମ ୨୧.୪୦ଲକ୍ଷ କୋଟି ଟଙ୍କା କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପାଖରେ ନିବେଶ କରିଛି ବୋଲି ସେ ସୂଚନା ଦେଇଥିଲେ । ବୀମାଧାରୀମାନେ ପଲିସିରେ ନିଜ ମୋବାଇଲ୍ ଫୋନ ନମ୍ବର ଏବଂ ବ୍ୟାଙ୍କ ଆକାଉଣ୍ଟ ସଂଯୋଗ କରନ୍ତୁ ବୋଲି ସେ ଅନୁରୋଧ କରିଥିଲେ। ମାର୍କେଟିଂ ମ୍ୟାନେଜର୍ ଗୁପ୍ତେଶ୍ୱର ବାଗ୍, କ୍ଲେମ୍ ମ୍ୟାନେଜର୍ ବାଳକୃଷ୍ଣ ପାଢୀ, ନିର୍ମଳ କୁମାର ନାୟକ ଏବଂ ଡି. ଦାସ ପ୍ରମୁଖ ଉପସ୍ଥିତ ଥିଲେ ।




ଖବରଦାତା ସମ୍ମିଳନୀରେ (ବାମରୁ) ଗୁପ୍ତେଶ୍ୱର ବାଗ୍, ଶଙ୍କର ପ୍ରସାଦ ପରିଚ୍ଛା ଏବଂ ବାଳକୃଷ୍ଣ ପାଢୀ।

## ନାବାଳିକା ଛାତ୍ରୀଙ୍କୁ ବଳାତ୍କାର ଘଟଣା

# ଫଟୋ ଭାଇରାଲ କରି ଜଣେ ଗିରଫ

**ନାବାଳକଙ୍କୁ ଜେଜେବିରେ ହାଜର କରାଗଲା**

**ବ୍ରହ୍ମପୁର ଅଫିସ,୧୯**

ଗଞ୍ଜାମ ଜିଲା କୁକୁଡାଖଣ୍ଡି ବ୍ଲକ ଅଞ୍ଚଳର ଜଣେ ୯ମ ଶ୍ରେଣୀ ଛାତ୍ରୀଙ୍କୁ ଗତ ୧୯ ତାରିଖରେ ବଳାତ୍କାର କରାଯାଇଥିଲା। ଏ ସମ୍ପର୍କରେ ଛାତ୍ରୀଙ୍କ ପରିବାର ପକ୍ଷରୁ ଗତ ୩୧ତାରିଖରେ ସଦର ଥାନାରେ ଅଭିଯୋଗ କରାଯାଇଥିଲା। ପୋଲିସ ଘଟଣାକୁ ଗୁରୁତ୍ୱର ସହ ନେଇ ତନାଘନା ଚଳାଇଥିଲା। ନାବାଳିକାଙ୍କୁ କୌଶଳକ୍ରମେ ଡାକିନେଇ ବଳାତ୍କାର କରିବା ସହ ତାଙ୍କ ନଗ୍ନ ଫଟୋ ଉଠାଇବା ଅଭିଯୋଗରେ ରବିବାର ପୋଲିସ ଜଣେ ନାବାଳକଙ୍କୁ ଧରି ଜୁଭେନାଇଲ ଜଷ୍ଟିସ ବୋର୍ଡ଼(ଜେଜେବି)ରେ ହଜାର କରିଥିବା କହିଛି। ନଗ୍ନ ଫଟୋ ଭାଇରାଲ କରିବା ସହ ନାବାଳିକାଙ୍କୁ ଅସଦାଚରଣ କରିବା ଅଭିଯୋଗରେ ପୋଲିସ ଜି. କ୍ରିଷ୍ଣା ପାତ୍ରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ନଗ୍ନ ଫଟୋ ଉଠାଇ ଭାଇରାଲ ସହି ବ୍ୟବହୃତ ମୋବାଇଲ ଫୋନ ମଧ ଜବତ ହୋଇଛି। ସେହିପରି ନାବାଳକଙ୍କୁ ଜେଜେବିଙ୍କ ନିର୍ଦ୍ଦେଶକ୍ରମେ ବାଳ ସୁଧାର ଗୃହକୁ ପଠାଯାଇଛି। ରବିବାର କୋର୍ଟରେ ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ନଂ. ୨୨୪/୧୯ରେ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି । ପ୍ରକାଶ ଯେ, ଗତ ୧୯ ତାରିଖରେ ଛାତ୍ରୀ ଜଣଙ୍କ ଟିଉସନ ଯାଉଥିବା ବେଳେ ଜଣେ ନାବାଳକ ତାଙ୍କୁ ଡାକି ନେଇ ବଳାତ୍କାର କରିଥିଲେ। ଏପରିକି ନାବାଳିକାଙ୍କ ନଗ୍ନ ଫଟୋ ଉତ୍ତୋଳନ ସହ ବହୁ ଥର ତାଙ୍କୁ ବଳାତ୍କାର କରିଥିଲେ ବୋଲି ପୀଡ଼ିତାଙ୍କ ବାପା ସଦର ଥାନାରେ ଅଭିଯୋଗ କରିଥିଲେ।

# ଭୋଟର ତାଲିକା ସଂଶୋଧନ ଆରମ୍ଭ

**ବ୍ରହ୍ମପୁର ଅଫିସ୍,୧୯**

ସ୍ୱତନ୍ତ୍ର ଚିଠା ଭୋଟର ତାଲିକା ସଂଶୋଧନ କାର୍ଯ୍ୟକ୍ରମ-୨୦୧୯ ରବିବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଚିଠା ଭୋଟର୍ ତାଲିକା ପ୍ରକାଶ ପାଇଥିଲା। ଅକ୍ଟୋବର ୩୧ତାରିଖ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ ଦାଖଲ ଅବଧି ରହିଥିବା ବେଳେ ନଭେମ୍ବର ୩୦ତାରିଖ ପର୍ଯ୍ୟନ୍ତ ଆପତ୍ତି ଅଭିଯୋଗ ଶୁଣାଣି ଅବଧି ରହିଛି । ଯେଉଁମାନଙ୍କ ଭୋଟର୍ ପରିଚୟପତ୍ରରେ ତ୍ରୁଟି ରହିଛି, ସେମାନେ ନିର୍ଦ୍ଧାରିତ ଫର୍ମରେ ବୁଥ୍‌ସ୍ତରୀୟ ଅଧିକାରୀ(ବିଏଲ୍‌ଓ)ଙ୍କ ନିକଟରେ ଦାଖଲ କରିପାରିବେ। ବିଧାନସଭା ଭୋଟର୍ ତାଲିକାରେ ନାମଯାଞ୍ଚ, ଦରଜ, ବାଦ୍ ଏବଂ ତ୍ରୁଟି ସଂଶୋଧନ ନିମନ୍ତେ ବୁଥ୍‌ସ୍ତରୀୟ ଅଧିକାରୀଙ୍କୁ ଭୋଟର୍‌ମାନେ ଯୋଗାଯୋଗ କରିପାରିବେ। ଏ ସମ୍ପର୍କରେ ଲୋକମାନଙ୍କୁ ବ୍ୟାପକ ସଚେତନ କରାଯିବ। ଏକ ସଚେତନତା ରଥକୁ ରବିବାର ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଉଦ୍‌ଘାଟନ କରାଯାଇଥିଲା। ସହକାରୀ ଜିଲାପାଳ ତଥା କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଡି.ମାଳେଶ୍ୱର ପାତ୍ର ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିଥିଲେ। ସହକାରୀ ଜିଲାପାଳ ବିନୋଦ କୁମାର ବେହେରାଙ୍କ ସମେତ ନିର୍ବାଚନ କାର୍ଯ୍ୟାଳୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ସଚେତନତା ରଥକୁ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟ୍ ଡି.ମାଳେଶ୍ୱର ପାତ୍ର ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ।

## ମିଳିତ ଶିକ୍ଷକ, କର୍ମଚାରୀ ସଂଘ ଅଧିବେଶନ

# ଅବସର ବୟସ ୬୨ କରିବାକୁ ଦାବି

**ବ୍ରହ୍ମପୁର ଅଫିସ୍,୧୯**

ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ(ୟୁଟିଇଏ)ର ଚତୁର୍ବିଂଶତମ ସାଧାରଣ ଅଧିବେଶନ ଲାଞ୍ଜିପଲ୍ଲୀ ବାଳିକା ଉଚ୍ଚ ବିଦ୍ୟାଳୟରେ ରବିବାର ଅନୁଷ୍ଠିତ ହୋଇଯାଇଛି । ସଂଘ ସଭାପତି ଶଶାଙ୍କ କୁମାର ପଣ୍ଡା ଏଥିରେ ଅଧକ୍ଷତା କରିଥିଲେ । ସମାବେଶରେ ମୁଖ୍ୟଅତିଥି ଭାବେ ୬୧୦ ହାଇସ୍କୁଲ ଶିକ୍ଷକ ସଂଘ ରାଜ୍ୟ ସମ୍ପାଦକ ତଥା ୟୁଟିଇଏର ରାଜ୍ୟ କାର୍ଯ୍ୟକାରୀ ସଭାପତି କୈଳାସ ଚନ୍ଦ୍ର ମିଶ୍ର ଯୋଗଦେଇ ଉଦ୍‌ଘାଟନ କରିଥିଲେ । ମୁଖ୍ୟବକ୍ତା ସାମାଜିକ କର୍ମୀ ଇଂ. ରାଜା ସୁରେଶ, ସମ୍ମାନିତ ଅତିଥି ଭାବେ ଟ୍ରେଡ୍ ୟୁନିୟନ ନେତା ଆନନ୍ଦ ଚନ୍ଦ୍ର ପଟ୍ଟନାୟକ, ୟୁଟିଇଏର ରାଜ୍ୟ କାର୍ଯ୍ୟକାରୀ ସଦସ୍ୟ ପବିତ୍ର ମୋହନ ଦାସ ଯୋଗ ଦେଇଥିଲେ। ସଂଘ ସାଙ୍ଗଠନିକ ସମ୍ପାଦକ ଲକ୍ଷ୍ମୀନାରାୟଣ ମହାରଣା ସ୍ୱାଗତ ଭାଷଣ ଏବଂ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ପାଦକ ସୁରେନ୍ଦ୍ରନାଥ ପଣ୍ଡା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ବୈଠକରେ ଶିକ୍ଷକଙ୍କ ଅବସର ବୟସ ୬୨ବର୍ଷକୁ ବୃଦ୍ଧି କରିବା ପାଇଁ ଦାବି କରାଯାଇଥିଲା ।

ପୂର୍ଣ୍ଣ ଅନୁଦାନପ୍ରାପ୍ତ ହାଇସ୍କୁଲ ଏବଂ ଏମ୍.ଇ. ସ୍କୁଲଗୁଡ଼ିକୁ ସରକାରୀକରଣ କରି ସେମାନଙ୍କୁ ସରକାର ସମସ୍ତ ସୁବିଧା ସୁଯୋଗ ଦେବାକୁ ଆଲୋଚନା ହୋଇଥିଲା। ସରକାରୀ କର୍ମଚାରୀମାନେ ସମସ୍ତ ସୁବିଧା ସୁଯୋଗ ପାଇ ୬୦ବର୍ଷରେ ଅବସର ନେଉଛନ୍ତି । କିନ୍ତୁ ଅନୁଦାନ ପ୍ରାପ୍ତ ଶିକ୍ଷକ ଓ କର୍ମଚାରୀ ସମସ୍ତ ସୁବିଧା ନ ପାଇ ମଧ୍ୟ ସେହି ବୟସରେ ଚାକିରିରୁ ବିଦାୟ ନେଉଛନ୍ତି । ଏଣୁ ଅବସର ବୟସ ୬୨ବର୍ଷକୁ ବୃଦ୍ଧି କରିବାକୁ ଆଗାମୀ ଦିନରେ ଦାବି କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ୨୦୧୬ ଜାନୁୟାରୀ ପହିଲାରୁ ୨୦୧୭ ସେପ୍ଟେମ୍ବର ୩୦ତାରିଖ ପର୍ଯ୍ୟନ୍ତ ସପ୍ତମ ବେତନ କମିଶନ ଅନୁଯାୟୀ ସମସ୍ତ ବକେୟା ଅର୍ଥରାଶି ପ୍ରଦାନ କରିବାକୁ ଦାବି କରାଯାଇଛି। ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ୧୯୯୪ ଶିକ୍ଷା ଆଇନ ପ୍ରକାରେ ଜିଆଇଏ (ଗ୍ରାଣ୍ଟ ଇନ୍ ଏଡ୍)ଅନ୍ତର୍ଭୁକ୍ତ କରି ସପ୍ତମ ବେତନ କମିଶନଙ୍କ ସୁପାରିଶ ଅନୁଯାୟୀ ଦରମା ଓ ମହଙ୍ଗା ଭତ୍ତା ପ୍ରଦାନ, ଅନୁଦାନ ପ୍ରାପ୍ତ ବିଦ୍ୟାଳୟରେ କାର୍ଯ୍ୟରତ ୧୯୯୪ ପରେ ନିଯୁକ୍ତି ପାଇଥିବା କିମ୍ବା ଯୋଗ୍ୟତା ହାସଲ କରିଥିବା ଶିକ୍ଷକ ଓ କର୍ମଚାରୀଙ୍କ ଚାକିରି ବୈଧ କରି ଆରଏସିପି ଏବଂ ବେତନ ପ୍ରଦାନ କରିବା, ସୁପ୍ରିମ୍‌କୋର୍ଟଙ୍କ ରାୟ ମୁତାବକ ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ସମାନ କାମକୁ ସମାନ ଦରମା ପ୍ରଦାନ, ଚୁକ୍ତି ଅବଧିକୁ ୬ବର୍ଷରୁ ୩ବର୍ଷକୁ ହ୍ରାସ କରି ସେମାନଙ୍କୁ ଜିଆଇଏସ୍ ଅନ୍ତର୍ଭୁକ୍ତ କରିବା, ଓଡ଼ିଶା ସରକାରଙ୍କ ସାଧାରଣ ପ୍ରଶାସନ ବିଭାଗ ଚୁକ୍ତଭିତ୍ତିକ କର୍ମଚାରୀଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ସୁବିଧାକୁ ଶିକ୍ଷକଙ୍କ ପ୍ରତି ଲାଗୁ କରିବା ପାଇଁ ଆଲୋଚନା କରାଯାଇଥିଲା। ୟୁଟିଇଏ ରାଜ୍ୟ ସଭାପତି ବିକ୍ରମ କେଶରୀ ବର୍ମାଙ୍କ ଅନୁମୋଦନ କ୍ରମେ ଆସନ୍ତା ୩ବର୍ଷ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଶଶାଙ୍କ କୁମାର ପଣ୍ଡା ସଭାପତି ହୋଇଥିବା ବେଳେ ଗୌରୀଶଙ୍କର ମିଶ୍ର କାର୍ଯ୍ୟକାରୀ ସଭାପତି, ଗୋପବନ୍ଧୁ ନାୟକ ଉପସଭାପତି, ଅର୍ଜୁନ ବିଶ୍ୱାଳ ଉପସଭାପତି, ସୁରେନ୍ଦ୍ରନାଥ ପଣ୍ଡା ସମ୍ପାଦକ, ଲକ୍ଷ୍ମୀନାରାୟଣ ମହାରଣା କାର୍ଯ୍ୟକାରୀ ସମ୍ପାଦକ, ଲକ୍ଷ୍ମୀକାନ୍ତ ପାତ୍ର ସହସମ୍ପାଦକ, ସୁରଜ କୁମାର ସ୍ୱାଇଁ ସହସମ୍ପାଦକ, ପୁଷ୍ପଲତା ଦାସ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ସେହିଭଳି କାର୍ଯ୍ୟକାରୀ କମିଟି ସଭ୍ୟ ଭାବେ ସତ୍ୟବ୍ରତ ମିଶ୍ର, ନାରାୟଣ ପଣ୍ଡା, ଜିତେନ୍ଦ୍ର କୁମାର ମହାରଣା, ବାଲ୍ୟକୃଷ୍ଣ ପୋଲାଇ, ପ୍ରଶାନ୍ତ କୁମାର ପାଣିଗ୍ରାହୀଙ୍କୁ ମନୋନୀତ କରାଯାଇଥିଲା। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ପୁଷ୍ପଲତା ଦାସ ଧନ୍ୟବାଦ ଦେଇଥିଲେ।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ସୋମବାର, ସେପ୍ଟେମ୍ବର ୨/୨୦୧୯ Berhampur, Monday, September 2/2019

## ସଂକ୍ଷେପରେ

### ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା, ଅଭିଯୁକ୍ତ ଗିରଫ

**ଆସିକା,୧।୯(ଡି.ଏନ୍.ଏ.):** ବାଡୁଳା ଗ୍ରାମର ଜଣେ ଯୁବକ ଭଞ୍ଜନଗରର ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ଗାଙ୍ଗପୁର ଥାନାରେ ଅଭିଯୋଗ ହୋଇଛି। ପୋଲିସ ଶନିବାର ଅଭିଯୁକ୍ତଙ୍କୁ ଗିରଫ କରିଛି। ସେ ହେଲେ ଅଜିତ୍ ଗୌଡ। ଗାଙ୍ଗପୁର ଥାନାରେ ନଂ.୧୪୧/୧୯ରେ ଏକ ମାମଲା ରୁଜୁ କରି ରବିବାର ଅଜିତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସତ୍ୟରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଅଭିଯୁକ୍ତ ଜଣକ ଭଞ୍ଜନଗରର ଜଣେ ଯୁବତୀଙ୍କ ସହ ବର୍ଷେ ହେଲା ବିବାହ ପ୍ରତିଶ୍ରୁତି ଦେଇ ସମ୍ପର୍କ ରଖିଥିଲେ। ପରେ ତାଙ୍କୁ କଟକ ନେଇ ଚାଲିଯାଇଥିଲେ। ସେଠାରେ ଏକ ଘର ଭଡାନେଇ ରହୁଥିଲେ। ଯୁବତୀ ଜଣକ ପାଞ୍ଚ ମାସର ଗର୍ଭବତୀ ଥିବାବେଳେ ଅଭିଯୁକ୍ତ ତାଙ୍କୁ ଛାଡି ଫେରାର ହୋଇଯାଇଥିଲେ। ଶେଷରେ ଯୁବତୀ ଜଣକ ନିରୁପାୟ ହୋଇ ଗାଙ୍ଗପୁର ଥାନାରେ ଅଭିଯୋଗ କରିଥିଲେ।

### ୮ ଦଫା ଦାବି ନେଇ ଆଦିବାସୀଙ୍କ ମେଳି

**ପାତ୍ରପୁର,୧।୯(ଡି.ଏନ୍.ଏ.):** ପାତ୍ରପୁର ବ୍ଲକ ଖାରିଆଗୁଡ଼ା ମୁକୁନ୍ଦପୁରଠାରେ ରବିବାର ୮ ଦଫା ଦାବି ନେଇ ସୁରଙ୍ଗି ଅଞ୍ଚଳରେ ବସବାସ କରୁଥିବା ଆଦିବାସୀମାନେ ମେଳି କରିଛନ୍ତି। ୧୯୫୬ରୁ ଆଦିବାସୀମାନଙ୍କ ନିମନ୍ତେ ଜଙ୍ଗଲ ଜମି ପଟ୍ଟା ପାଇବାର ନିୟମ ଥିଲେ ସୁଦ୍ଧା ମିଳିପାରୁନାହିଁ, ତିତ୍‌ଲି ବାତ୍ୟାରେ ବହୁ କ୍ଷତିଗ୍ରସ୍ତ ବର୍ତ୍ତମାନ ସୁଦ୍ଧା ସରକାରୀ ସହାୟତାରୁ ବଞ୍ଚିତ, ବାତ୍ୟାରେ ଜଙ୍ଗଲର ଗଛ ନଷ୍ଟ ହୋଇଥିଲେ ସୁଦ୍ଧା ବନବିଭାଗ ନୀରବ, ପାହାଡ଼ି ଇଲାକାରେ ଡ଼ାକ୍ତରଖାନା ସ୍ଥାପନ, ଜାତିଗତ ପ୍ରମାଣପତ୍ର ପାଇବାରେ ବିଳମ୍ବ, ଆଦିବାସୀ ଇଲକାରେ ବେଆଇନ ମଦ କାରବାର ବନ୍ଦ କରିବା ଇତ୍ୟାଦି ଆଠ ଦଫା ସମ୍ବଳିତ ଦାବିପତ୍ର ଜିଲାପାଳଙ୍କୁ ସାକ୍ଷାତ କରିବା ପାଇଁ ନିଷ୍ପତି ନେଇଛନ୍ତି। ଏହି କାର୍ଯ୍ୟକ୍ରମରେ ବହୁ ଆଦିବାସୀ ସାମିଲ ଥିଲେ।

### ଯୁବକଙ୍କ ଆତ୍ମହତ୍ୟା

ଭଞ୍ଜନଗର,୧।୯(ଡି.ଏନ.ଏ)-ବେଲଗୁଣ୍ଠା ଆଳିଆସାହିର ଜଣେ ଯୁବକ ରବିବାର ଆତ୍ମହତ୍ୟା କରିଛନ୍ତି । ସେ ହେଲେ ରାଜେଶ୍ୱର ଦଳେଇ (୨୭)। ରାଜେଶ ଅପରାହ୍ନରେ ବିଷ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ବେଲଗୁଣ୍ଠା ମେଡ଼ିକାଲକୁ ନେଇଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ଭଞ୍ଜନଗର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ନଂ. ୩୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବେଲଗୁଣ୍ଠା ଫାଣ୍ଡି ପୋଲିସ ଘଟଣାର ତଦନ୍ତ ଚଳାଇଛି। ପାରିବାରିକ ଅଶାନ୍ତିରୁ ସେ ଆତ୍ମହତ୍ୟା କରିଥିବା ପୋଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

### କମିଟି ଉପସ୍ଥିତିରେ ଛତୁଆ ବଣ୍ଟନ

**ହାତୀଓଟ,୧।୯:** ସମସ୍ତ ଅଙ୍ଗନୱାଡ଼ି କେନ୍ଦ୍ରରେ ଶିଶୁ ଓ ଗର୍ଭବତୀ, ପ୍ରସୂତଙ୍କୁ ପ୍ରତି ମାସ ୧ ତାରିଖରେ ଛତୁଆ ବଣ୍ଟନ ପାଇଁ ନିର୍ଦ୍ଦେଶ ରହିଛି। ରବିବାର ପୋଲସରା ବ୍ଲକ ହାତୀଓଟ ପଞ୍ଚାୟତ ପ୍ରାଣଦେଇପୁର ଗ୍ରାମରେ ଥିବା ଅଙ୍ଗନୱାଡ଼ି କେନ୍ଦ୍ରରେ ୱାର୍ଡ଼ ସଭ୍ୟା ତଥା ନାଏବ ସରପଞ୍ଚ ସୁଜତା କୁମାରୀ ନନ୍ଦଙ୍କ ସମେତ ଯାଞ୍ଚ କମିଟି ଓ ଅନ୍ୟମାନଙ୍କ ଉପସ୍ଥିତିରେ ଛତୁଆ ବଣ୍ଟନ କରାଯାଇଛି। ଅଙ୍ଗନୱାଡ଼ି କର୍ମୀ ଜ୍ୟୋତ୍ସ୍ନାରାଣୀ ମିଶ୍ର ଗର୍ଭବତୀ, ପ୍ରସୂତି ଓ ୭ ମାସରୁ ୩ ବର୍ଷର ଶିଶୁଙ୍କ ମା'ଙ୍କୁ ପୁଷ୍ଟିକର ଖାଦ୍ୟ ଉପରେ ବୁଝାଇଥିଲେ।

## ଗଞ୍ଜାମ ନଲେଜ ହବ୍‌ର ଶୁଭାରମ୍ଭ

# ଛାତ୍ରୀଛାତ୍ରଙ୍କୁ ଜ୍ଞାନ ବାଣ୍ଟିଲେ ଜିଲାପାଳ, ଏସ୍‌ପି

**ଛତ୍ରପୁର,୧।୯(ଡି.ଏନ.ଏ.)**



ବୈଠକରେ ଜିଲାପାଳ ଓ ଅନ୍ୟମାନେ।

କଲେଜ ଛାତ୍ରୀଛାତ୍ର ସେମାନଙ୍କର କ୍ୟାରିୟର ଗଢ଼ିବା ପାଇଁ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତିଙ୍କଠାରୁ ଯେଭଳି ଜ୍ଞାନ ଆହରଣ କରିପାରିବେ ସେଥିପାଇଁ ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ଅଭିନବ ଉପାୟ ଅବଲମ୍ବନ କରାଯାଇଛି । ଏହି ପରିପ୍ରେକ୍ଷୀରେ ରବିବାର ଗଞ୍ଜାମ ନଲେଜ୍ ହବ୍‌ର ଶୁଭାରମ୍ଭ ହୋଇଛି। ଛତ୍ରପୁରସ୍ଥିତ ଜିଲାପରିଷଦ ଭବନ ସମ୍ମିଳନୀ ଗୃହରେ ଏହି କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଆଇଏଏସ ଓ ଆଇପିଏସ ଅଫିସର ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପ୍ରସଙ୍ଗରେ ଜ୍ଞାନ ପ୍ରଦାନ କରିଥିଲେ । ୨୦୧୩ ବ୍ୟାଚ୍‌ର ଆଇଏଏସ୍ ଅଫିସର ତଥା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ, ୨୦୧୪ ବ୍ୟାଚ୍ ଆଇଏଏସ୍ ଅଫିସର ତଥା ଡିଆରଡିଏ ପିଡି ଇଂ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ୨୦୦୯ ଆଇପିଏସ୍ ଅଫିସର ତଥା ଗଞ୍ଜାମ ଏସପି ବ୍ରିଜେଶ କୁମାର ରଏ ଓ ୨୦୧୬ ବ୍ୟାଚ୍‌ର ଆଇଏଏସ ଅଫିସର ତଥା ବ୍ରହ୍ମପୁର ଉପଜିଲାପାଳ ସିନ୍ଦେ ଦତାତ୍ରେୟ ଭାଉସାହେବ ଉପସ୍ଥିତ ଥିଲେ । ଜିଲାପାଳ ତାଙ୍କ କ୍ୟାରିୟର ଓ ଚାକିରି ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ କହିଥିଲେ। କିଭଳି ସେ ପ୍ରଥମେ ପ୍ରାଥମିକ ଶିକ୍ଷକ ଭାବେ ଚାକିରି ଆରମ୍ଭ କରି ପରେ ସେଲ୍ସ ଟ୍ୟାକ୍ସ ଅଫିସର, ତହସିଲଦାର, ଆସିଷ୍ଟାଣ୍ଟ ସେଲ୍ସ ଟ୍ୟାକ୍ସ କମିଶନର ଏବଂ ବର୍ତ୍ତମାନ ଜିଲାପାଳ ଭାବେ କାର୍ଯ୍ୟ କରୁଛନ୍ତି ସେ ସମ୍ପର୍କରେ ସୂଚନା ଦେଇଥିଲେ । ନିଜର ପାରିବାରିକ ସ୍ଥିତିକୁ ନ ଦେଖି କଠିନ ପରିଶ୍ରମ କରି ଆଗେଇଲେ ସମାଜରେ ନିଜର ସଫଳତା ପ୍ରଦର୍ଶନ କରିହେବ ବୋଲି ଜିଲାପାଳ କହିଥିଲେ । ଏସ୍‌ପି ରଏ ତାଙ୍କ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରଖି ସଫଳତା ପାଇଁ ଆଗେଇ ଚାଲିବାକୁ ଉପସ୍ଥିତ ଛାତ୍ରୀ ଛାତ୍ରଙ୍କୁ ପରାମର୍ଶ ଦେଇଥିଲେ । ଡିଆରଡିଏ ପିଡି ସ୍ୱାଇଁ ୫-ଟି ଉପରେ ବିସ୍ତୃତ ଭାବେ ଛାତ୍ରୀ ଛାତ୍ରଙ୍କୁ ବୁଝାଇବା ସହ ଏହାଦ୍ୱାରା ସଫଳତା ଆପେ ଆପେ ଆସିବ ବୋଲି କହିଥିଲେ । ଛାତ୍ରୀଛାତ୍ର ମାନେ ମଧ୍ୟ ବିଭିନ୍ନ ପ୍ରଶ୍ନ ପଚାରିଥିଲେ। ଆଗକୁ ବିଭିନ୍ନ କ୍ଷେତ୍ରରେ ସଫଳତା ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ଡକାଯାଇ ଛାତ୍ରୀଛାତ୍ରଙ୍କୁ ଜ୍ଞାନ ଆହରଣର ସୁଯୋଗ ଦିଆଯିବ ବୋଲି ସୂଚନା ଦିଆଯାଇଛି ।

# ଶେରଗଡରେ ଡଷ୍ଟବିନ୍ ବଣ୍ଟନର ଶୁଭାରମ୍ଭ

## ପ୍ରକୃତିକୁ ଛାଡି ବଞ୍ଚିବା ଅସମ୍ଭବ

**ଶେରଗଡ,୧।୯(ଡି.ଏନ୍.ଏ.)**

ଗଞ୍ଜାମ ଜିଲାର ବିଭିନ୍ନ ଯୋଜନା ମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନ ମଣ୍ଡଳୀ ଶେରଗଡ ବ୍ଲକରୁ ଆରମ୍ଭ କରୁଛନ୍ତି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ। ରବିବାର ଆଉ ଏକ ଯୋଜନା 'ସ୍ୱଚ୍ଛ ଶେରଗଡ, ସୁନ୍ଦର ଶେରଗଡ' ଯୋଜନାରେ ଡଷ୍ଟବିନ୍ ବଣ୍ଟନର ଶୁଭାରମ୍ଭ କରିଛନ୍ତି। ସକାଳୁ ଜିଲାପାଳ କୁଲାଙ୍ଗେ ଶେରଗଡରେ ପହଞ୍ଚିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ କହିଥିଲେ, ଶେରଗଡକୁ ପ୍ଲାଷ୍ଟିକ୍ ଓ ପଲିଥିନମୁକ୍ତ କରିବାକୁ ହେବ। ପଲିଥିନ ବ୍ୟବହାର ଦ୍ୱାରା ମଣିଷ ରୋଗଗ୍ରସ୍ତ ହେଉଛି। ଏହାର କୁପ୍ରଭାବ ମଧ୍ୟ ପରିବେଶ ଉପରେ ପଡୁଛି। ଯାହା ଆଗକୁ ଭୟଙ୍କର ପରିସ୍ଥିତିକୁ ଡାକିଆଣିବ। ତେଣୁ ଏବେଠାରୁ ପ୍ଲାଷ୍ଟିକ୍ ଓ ପଲିଥିନ ବର୍ଜନ କରିବାକୁ ସେ ଆହ୍ୱାନ ଦେଇଥିଲେ। ଏହାସହ ଘର ଓ ବଜାରରୁ ବାହାରୁଥିବା ବର୍ଜ୍ୟବସ୍ତୁ ଏଣେତେଣେ ନପକାଇ ଡଷ୍ଟବିନ୍ ବ୍ୟବହାର କରିବାକୁ କହିଥିଲେ। ପ୍ରକୃତିକୁ ଛାଡି ମଣିଷ ବଞ୍ଚିବା ଅସମ୍ଭବ। ଏଣୁ ପରିବେଶ ସ୍ୱଚ୍ଛ ରଖିବା ସହ ସୁସ୍ଥ ଓଡିଶା ଗଠନ କରିବା ନେଇ ମୁଖ୍ୟମନ୍ତ୍ରୀଙ୍କ ପ୍ରୟାସକୁ ସଫଳ କରିବାକୁ ସେ ଆହ୍ୱାନ ଦେଇଥିଲେ। ବିଡିଓ ସୁରଞ୍ଜନ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ଡ. ଦୟାସିନ୍ଧୁ ପରିଡା, ବ୍ଲକ ଅଧ୍ୟକ୍ଷା ସାରସ ସ୍ୱାଇଁ, ଉପାଧ୍ୟକ୍ଷ ବିଶ୍ୱନାଥ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର, ସହକାରୀ ଯନ୍ତ୍ରୀ ମହିନ୍ଦ୍ର କୁମାର ଷଡଙ୍ଗୀ, ଏବିଡିଓ ଅରୁଣ କୁମାର ପ୍ରଧାନ, ପୂର୍ବତନ ବ୍ଲକ ଅଧକ୍ଷ ବାବୁଲା କୁମାର ଚୌଧୁରୀ, ହୃଷିକେଶ ପାଢୀ, ବ୍ଲକ ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ହୀନ ବେହେରା, ଶେରଗଡ ସରପଞ୍ଚ ଯାଜ୍ଞସେନୀ ପ୍ରଧାନ, ପ୍ରମୋଦ କୁମାର ସାହୁ, ଦିଗାମ୍ବର ନାହାକ ପ୍ରମୁଖ ଯୋଗଦେଇଥିଲେ।

# ୮ ବର୍ଷ ପରେ ଆବାସଗୃହ ପାଇଲେ ଗୁଡ଼ିଗାଁବାସୀ

**ଶଙ୍କରାଖୋଲ,୧।୯(ଡି.ଏନ୍.ଏ.)**



ଉପସ୍ଥିତ ଗୁଡ଼ିଗାଁ ଗ୍ରାମବାସୀ।

ଚକାପାଦ ବ୍ଲକ ଶଙ୍କରାଖୋଲ ପଞ୍ଚାୟତର ଗୁଡ଼ିଗାଁବାସୀ ୮ ବର୍ଷ ପରେ ପ୍ରଧାନ ମନ୍ତ୍ରୀ ଆବାସ ଗୃହ ପାଇଛନ୍ତି। ଏଥିପାଇଁ ହିତାଧିକାରୀ ଲଡୁ କିଶୋର ବାରିକ, କବିମୁଖୀ, ସକୁନ୍ତଳା ଦଳଛତ୍ର ଖୁସି ଥିବା ଜଣାପଡ଼ିଛି। ୨୦୧୧ ପରଠାରୁ ଗୁଡ଼ିଗାଁର ହିତାଧିକାରୀମାନେ ଆବାସ ଗୃହ ପାଇବାରେ ବଞ୍ଚିତ ଥିଲେ। ଏ ନେଇ ଗ୍ରାମବାସୀ ପଞ୍ଚାୟତଠାରୁ ଆରମ୍ଭ କରି ବ୍ଲକ ଓ ଜିଲାପାଳ କାର୍ଯ୍ୟାଳୟକୁ ଯାଇ ବାରମ୍ବାର ଅଭିଯୋଗ କରି ବିଫଳ ହୋଇଥିଲେ। କିନ୍ତୁ ଗତ ଶନିବାର (୨୦୧୯ ଅଗଷ୍ଟ ୩୧) ଗ୍ରାମର ୨୬ଜଣ ହିତାଧିକାରୀ ପ୍ରଧାନମନ୍ତ୍ରୀ ଆବାସଗୃହ ପାଇବାରେ ସଫଳ ହୋଇଛନ୍ତି। ପ୍ରକାଶ ଯେ, ୨୦୧୧ ଜନଗଣନାରେ ଗୁଡ଼ିଗାଁ ଚକାପାଦ ବ୍ଲକ ଶଙ୍କରାଖୋଲ ପଞ୍ଚାୟତରେ ରହିବା ପରିବର୍ତ୍ତେ ପ୍ରଶାସନ ତ୍ରୁଟି ଯୋଗୁ ଟିକାବାଲି ବ୍ଲକର କଇଁଝର ପଞ୍ଚାୟତର ଗୁଡ଼ିସାହି ଗ୍ରାମରେ ମିଶିଯାଇଥିଲା। ତେଣୁ ଉକ୍ତ ଗ୍ରାମରେ ଆବାସ ଗୃହ ମିଳିନଥିଲା। ଜିଲାପାଳ ଡ.ବୃନ୍ଦା ଡି, ବିଡିଓ ଅନୀଲ କୁମାର ପଟ୍ଟନାୟକ, ସରପଞ୍ଚ ଚିତ୍ର କହଁର, ସମିତି ସଭ୍ୟ ବିଷ୍ଣୁ ଚରଣ ଦିଗାଲଙ୍କ ହସ୍ତକ୍ଷେପ ପରେ ଏହି ସମସ୍ୟାର ଅନ୍ତ ଘଟିଥିଲା। ଶଙ୍କରାଖୋଲ ପଞ୍ଚାୟତର ୬୫ ଓ ଆରାବାକା ପଞ୍ଚାୟତରେ ୩୫ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଗୃହ ଦିଆଯାଇଛି। ଏଥିରେ ଚକାପାଦ ବ୍ଲକର ଅଧ୍ୟକ୍ଷ ପ୍ରଭଞ୍ଜନ କହଁର, ସରପଞ୍ଚ ଚିତ୍ର କହଁର ଓ ନାରାୟଣ ପ୍ରଧାନ, ବିଧାୟକ ପ୍ରତିନିଧି ମନୋଜ କୁମାର ପ୍ରଧାନ ଉପସ୍ଥିତ ଥିଲେ। ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୈତାରୀ ପ୍ରଧାନ ପରିଚାଳନା କରିଥିଲେ।

## ପଥରଫଟା ବନ୍ଦ ନ ହେଲେ ଆନ୍ଦୋଳନ

**କନିଷି,୧।୯(ଡି.ଏନ.ଏ.)**

କନିଷି ତହସିଲ ରଙ୍ଗେଇଲୁଣ୍ଡା ବ୍ଲକ ମନ୍ଦ୍ରିଡ଼ି ପଞ୍ଚାୟତସ୍ଥିତ ପାଲୁରହିଲ ପାହାଡ଼ରେ ବେଆଇନ ଭାବେ ଦିନରାତି ପଥର ବ୍ଲାଷ୍ଟିଂ କରାଯାଉଛି। ଫଳରେ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଶନିବାର ସରପଞ୍ଚ ପ୍ରଶାନ୍ତ କୁମାର ଦାସ ଲିଖିତ ଭାବେ ଗଞ୍ଜାମ ଜିଲାପାଳ, ବ୍ରହ୍ମପୁର ଉପଜିଲାପାଳ, ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର, କନିଷି ତହସିଲଦାର, ଗୋଳନ୍ଥରା ଥାନାଧିକାରୀଙ୍କୁ ତୁରନ୍ତ ଉକ୍ତ ପାହାଡରେ ବ୍ଲାଷ୍ଟିଂ ବନ୍ଦ କରି ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବିପତ୍ର ପ୍ରଦାନ କରିଛନ୍ତି। ପଥର ବ୍ଲାଷ୍ଟିଂ ଯୋଗୁ ଗ୍ରାମର ହରିପୁର, ତାତଡ଼ାପଲ୍ଲୀ, ପାଲୁର, ମାଣିକପୁର ଆଦି ଗ୍ରାମବାସୀ ପ୍ରଭାବିତ ହେଉଛନ୍ତି। ବ୍ଲାଷ୍ଟିଂ ଫଳରେ ନିକଟରେ ଥିବା ବିଜୁ ପଟ୍ଟନାୟକ ଟ୍ରେନିଂ ସେଣ୍ଟର ଓ ଆଦର୍ଶ ବିଦ୍ୟାଳୟର ସ୍କୁଲ କୋଠା ଆଂଶିକ କ୍ଷତିଗ୍ରସ୍ତ ହୋଇଥିବାବେଳେ ଗ୍ରାମର ବହୁ କୋଠା ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଏନେଇ ପ୍ରଶାସନ ଓ ଜିଲା ପ୍ରଶାସନ ନିକଟରେ ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଗ୍ରାମବାସୀ ଓ ସ୍ଥାନୀୟ ସରପଞ୍ଚ ଅଭିଯୋଗ କରିଛନ୍ତି। ବେଆଇନ ବ୍ଲାଷ୍ଟିଂ ନେଇ ଧରପଗଡ଼ ଚାଲିଥିବା କନିଷି ତହସିଲ କାର୍ଯ୍ୟାଳୟ ତରଫରୁ ଜଣାପଡ଼ିଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ନ ଦେଲେ ଆଗାମୀ ଦିନରେ ପଞ୍ଚାୟତ ତରଫରୁ ଆନ୍ଦୋଳନ କରାଯିବ ବୋଲି ମନ୍ଦ୍ରିଡ଼ି ସରପଞ୍ଚ ଦାସ କହିଛନ୍ତି।

# ଜିଲା ଠିକାଦାର ସଂଘ ନିର୍ବାଚନ

**ଫୁଲବାଣୀ ଅଫିସ, ୧।୯**

କନ୍ଧମାଳ ଜିଲା ଠିକାଦାର ସଂଘର ନିର୍ବାଚନ ରବିବାର ସ୍ଥାନୀୟ ଜଳସେଚନ ବିଭାଗ ଡାକ ବଙ୍ଗଳାରେ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ୨ ବର୍ଷ ପରେ ହୋଇଥିବା ଏହି ବୈଠକରେ ପ୍ରଥମେ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। ବିଶେଷ କରି ପୂର୍ବତନ ପୌରାଧ୍ୟକ୍ଷ ରାଜେନ୍ଦ୍ର କହଁରଙ୍କ ସମୟରେ ଠିକାଦାର ସଂଘ କାର୍ଯ୍ୟାଳୟ ପାଇଁ ମିଳିଥିବା ଅର୍ଥରେ କେଉଁଯାଏ କାର୍ଯ୍ୟ ହୋଇଛି ତାହା ସମସ୍ତଙ୍କୁ ଅବଗତ କରାଯାଇଥିଲା। ବାହାର ଠିକାଦାରଙ୍କ ଯୋଗୁ ଜିଲାର ଠିକାଦାରମାନେ ଠିକ୍ ଭାବେ କାମ ପାଉନାହାନ୍ତି। ସେମାନେ କିପରି ଭଲ ଭାବରେ କାମ ପାଇବେ, ଟେଣ୍ଡର ପ୍ରକ୍ରିୟାରେ ଭାଗ ନେବେ ତାହା ଉପରେ ବିଚାରବିମର୍ଶ କରାଯାଇଥିଲା। ପରେ ସଂଘ ପୂର୍ବତନ ସଭାପତି ହେମନ୍ତ କୁମାର ମିଶ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନିର୍ବାଚନ କାର୍ଯ୍ୟ ଆରମ୍ଭ ହୋଇଥିଲା । ସଭାପତି ଭାବେ ଦୁର୍ଯ୍ୟୋଧନ ପଟ୍ଟନାୟକ, ଉପ ସଭାପତି ଶିବ ଶଙ୍କର ସାହାଣୀ, ସମ୍ପାଦକ ଅଭୟ କୁମାର ପଟ୍ଟନାୟକ ଓ ଯୁଗ୍ମ ସମ୍ପାଦକ ଭାବେ ପାର୍ଥସାରଥି ବିଶ୍ୱାଳ ନିର୍ବାଚିତ ହୋଇଥିଲେ। ସେହିପରି ଆଶିଷ କୁମାର ମହାନ୍ତି, ଚନ୍ଦ୍ର ମହାନ୍ତି, ଶିବଶଙ୍କର ବେହେରା, ପ୍ରେମଚାନ୍ଦ ତ୍ରିପାଠୀ, ସୂର୍ଯ୍ୟକାନ୍ତ ଦାସ, ପ୍ରମୋଦ ପଟ୍ଟନାୟକ, ପ୍ରବୀର ମହାନ୍ତି, ବିଜୟ କୁମାର ସାହୁ, ପ୍ରକାଶ ପଟ୍ଟନାୟକ, ଅଶୋକ ମହାନ୍ତି, ବସନ୍ତ କୁମାର ପାଢ଼ୀ, ସୁଧୀର କହଁର, ବଳଦେବ ବେହେରା, ଗଣେଶ ବେହେରା, କଲ୍ୟାଣୀ ସାହୁ, ଶାନ୍ତନୁ କୁମାର ପ୍ରଧାନ, ଅଶୋକ କୁମାର ମହାନ୍ତି ପ୍ରମୁଖ କାର୍ଯ୍ୟକାରୀ ସଦସ୍ୟ ଭାବେ ମନୋନୀତ ହୋଇଥିଲେ ।



ନିର୍ବାଚିତ ସଂଘ କର୍ମକର୍ତ୍ତା।

# ଘୁମୁସର ଗବେଷଣା ପ୍ରତିଷ୍ଠାନ ବୈଠକ

**ଭଞ୍ଜନଗର,୧।୯(ଡି.ଏନ.ଏ)**



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଘୁମୁସର ଗବେଷଣା ପ୍ରତିଷ୍ଠାନର ଏକ ବୈଠକ ରବିବାର ସ୍ଥାନୀୟ କବିସମ୍ରାଟ ଉପେନ୍ଦ୍ର ଭଞ୍ଜ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଡ.ନୀଳାଞ୍ଚଳ ମୁନି ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଡ.ପ୍ରଭାକର ମହାପାତ୍ରଙ୍କ ଗତ ମାସରେ ଅକାଳ ବିୟୋଗ ଯୋଗୁ ବୈଠକରେ ଅଧ୍ୟାପକ ତପନ କୁମାର ମିଶ୍ରଙ୍କୁ ସମ୍ପାଦକ ଭାବେ ମନୋନିତ କରାଯାଇଥିଲା। ଏହାପରେ ପୁସ୍ତକ ପ୍ରକାଶନ, ବାର୍ଷିକ ଉତ୍ସବ କିଭଳି ପାଳନ କରାଯିବ ପ୍ରମୁଖ ବିଷୟରେ ଆଲୋଚନା ହୋଇଥିଲା। ଉପ ସଭାପତି ଡ. ସନ୍ତୋଷ କୁମାର ଆପଟ, ଆବାହକ ଡ.ଶ୍ୟାମା ପ୍ରସାଦ ମିଶ୍ର, କୋଷାଧ୍ୟକ୍ଷ ଦାମୋଦର ଷଡ଼ଙ୍ଗୀ, ସହ ସମ୍ପାଦକ ରବୀନ୍ଦ୍ର କୁମାର ମିଶ୍ର, ଡ.ଶିରିଷ କୁମାର ଷଡ଼ଙ୍ଗୀ, ବିପିନ ବିହାରୀ ପାଢ଼ୀ, ଅଶୋକ କୁମାର ବିଶ୍ୱାଳ, ଡ.ଦେବେନ୍ଦ୍ର କୁମାର ରଥ ପ୍ରମୁଖ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ।

# ପୂଜା ଚାନ୍ଦା ନ ଦେବାରୁ ଟ୍ରକ୍ କାଚ ଭାଙ୍ଗିଦେଲେ

**ବାଲିଗୁଡା/ତୁମୁଡିବନ୍ଧ, ୧।୯(ଡି.ଏନ୍.ଏ)**

ଗଣେଶ ପୂଜା ପାଇଁ ଚାରିଆଡେ ଚାଲିଛି ବ୍ୟାପକ ପ୍ରସ୍ତୁତି। ଧୁମଧାମରେ ପାଳନ କରିବାକୁ ଚାଲିଛି ପ୍ରତିଯୋଗିତା। ହେଲେ ଜବରଦସ୍ତ ଚାନ୍ଦା ଆଦାୟ ଗାଡି ଚାଳକଙ୍କୁ ଅସୁବିଧାରେ ପକାଉଛି। ୫୯ ନମ୍ବର ଜାତୀୟ ରାଜପଥ ଉପରେ ଆଦାୟ କରାଯାଉଛି ଗଣେଷ ପୂଜା ଚାନ୍ଦା। ଚାନ୍ଦା ନଦେବାରୁ ରବିବାର ଅପରାହ୍ନରେ କନ୍ଧମାଳ ଜିଲ୍ଲା ତୁମୁଡିବନ୍ଧ ଥାନା ଅନ୍ତର୍ଗତ ମୁଣ୍ଡିଗଡ଼ଠାରେ ଜାତୀୟ ରାଜପଥ ଉପରେ ଯାଉଥିବା ଏକ ୧୮ ଚକିଆ ଟ୍ରକ (ନଂ.ଓଡି୧୪ବି-୪୧୧୭)କୁ ଅଞ୍ଚଳର କୌଣସି ଏକ ପୂଜା ଅନୁଷ୍ଠାନର ବ୍ୟକ୍ତି ପଥର ମାଡ଼ କରିଥିବା ଜଣାପଡିଛି। ପଥର ମାଡ଼ରେ ଟ୍ରକ୍‌ର ସମ୍ମୁଖ କାଚ ଭାଙ୍ଗି ଯାଇଥିଲା। ଟ୍ରକ୍ ଚାଳକ ଏନେଇ ଅସନ୍ତୋଷ ବ୍ୟକ୍ତ କରିବା ସହ ଗାଡି ରଖି ରାସ୍ତା ଅବରୋଧ କରିଥିଲେ। ସେଠାରେ ସଙ୍ଗେ ସଙ୍ଗେ ଅଞ୍ଚଳବାସୀଙ୍କ ଭିଡ଼ ଜମିଥିଲା। ପୋଲିସ କିମ୍ବା ପ୍ରଶାସନ କେହି ଘଟଣାସ୍ଥଳରେ ନ ପହଞ୍ଚିବାରୁ ବାଧ୍ୟ ହୋଇ ଟ୍ରକ ଚାଳକ ଗାଡି ନେଇ ପଳାଇଥିଲେ। ବେଆଇନ ଚାନ୍ଦା ଆଦାୟ ଦଣ୍ଡନୀୟ ଅପରାଧ ହୋଇଥିଲେ ମଧ୍ୟ ପ୍ରଶାସନ ତରଫରୁ ବିହିତ ପଦକ୍ଷେପ ଗ୍ରହଣ କରାଯାଉନଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

## ୨ ଡେଙ୍ଗୁ ରୋଗୀ ଚିହ୍ନଟ

**ହିଞ୍ଜିଳିକାଟୁ,୧।୯(ଡି.ଏନ୍.ଏ.)**

ହିଞ୍ଜିଳି ଥାନା ଅନ୍ତର୍ଗତ ଚାନ୍ଦୁଲିର ଜଣେ ଓ ଠୁରୁବୁରାଇ ଗ୍ରାମର ଜଣେ ଡେଙ୍ଗୁରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଉଭୟ ରକ୍ତ ନମୁନା ପରୀକ୍ଷା ପରେ ଡେ଼ଙ୍ଗୁ ଥିବା ଚିହ୍ନଟ ହୋଇଥିବା ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନା ମାଇକ୍ରୋ ବାୟୋଲଜି ବିଭାଗ ରିପୋର୍ଟରୁ ଜଣାପଡ଼ିଛି। ସେମାନେ ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି।

# ଯାତ୍ରୀ ବିଶ୍ରାମାଗାର ଉଦ୍‌ଘାଟିତ

**ଜି.ଉଦୟଗିରି,୧।୯(ଡି.ଏନ.ଏ.)**

ଜି.ଉଦୟଗିରି ସହରର ପଦାସାହି ଓ କନବାଗିରିଠାରେ ଏନ୍‌ଏସି ପକ୍ଷରୁ ୪ ଲକ୍ଷ ଟଙ୍କା ଲେଖାଏ ବ୍ୟୟରେ ନିର୍ମିତ ୨ଟି ଯାତ୍ରୀ ବିଶ୍ରାମାଗାରକୁ ଶନିବାର ଜି.ଉଦୟଗିରି ବିଧାୟକ ସାଲୁଗା ପ୍ରଧାନ ଉଦଘାଟନ କରିଛନ୍ତି । ବସ୍‌କୁ ଅପେକ୍ଷା କରୁଥିବା ଯାତ୍ରୀମାନଙ୍କ ନିମନ୍ତେ ଏହା ସହାୟକ ହେବ ବୋଲି ବିଧାୟକ କହିଥିଲେ। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର ଉଦଘାଟନୀ ବେଳେ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ପ୍ରଧାନ ପଦାସାହିଠାରେ ଚାରାରୋପଣ କରିଥିଲେ। ପରେ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ଆୟୋଜିତ ସ୍ୱାୟତ୍ତ ଶାସନ ଦିବସ କାର୍ଯ୍ୟକ୍ରମରେ ବିଧାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ।



ନୂତନ ଯାତ୍ରୀ ବିଶ୍ରାମାଗାର।

# ଏନ୍‌ଏସ୍‌ଏସ୍ ପକ୍ଷରୁ ସଫେଇ କାର୍ଯ୍ୟକ୍ରମ

**ବୁଗୁଡ଼ା,୧।୯(ଡି.ଏନ.ଏ.)**

ପିପୁଲ୍ସ କଲେଜ ବୁଗୁଡ଼ାର ଏନ୍‌ଏସ୍‌ଏସ ୟୁନିଟ-୨ ପକ୍ଷରୁ ବୁଦ୍ଧଖୋଲଠାରେ ରବିବାର ଦିନିକିଆ ଜାତୀୟ ସେବା ଶିବିର ଆୟୋଜିତ ହୋଇଥିଲା। ପ୍ରୋଗ୍ରାମ ଅଧିକାରୀ ରବୀନ୍ଦ୍ର କୁମାର ପଲାଇଙ୍କ ତତ୍ତ୍ୱାବଧାନରେ ଛାତ୍ରମାନେ ବୁଦ୍ଧଖୋଲରେ ସଫେଇ କାର୍ଯ୍ୟ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ପ୍ରଭଞ୍ଜନ ମୁନି ଓ ସୁଶାନ୍ତ କୁମାର ସାହୁଙ୍କ ସମେତ ଛାତ୍ରମାନେ ଏଥିରେ ଭାଗ ନେଇଥିଲେ। ଏଥିସହ ବୁଦ୍ଧଖୋଲକୁ ସ୍ୱଚ୍ଛତା ରଖିବା ପାଇଁ ଛାତ୍ରମାନେ ସଚେତନତା ସୃଷ୍ଟି କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଛାତ୍ର।

# ଶ୍ରମିକ ପଞ୍ଜୀକରଣ ନାଁରେ ଅର୍ଥ ଆଦାୟ ଅଭିଯୋଗ

## କୃଷି କାର୍ଡ ଯୋଗାଣ ପାଇଁ ଚାଲିଛି ଠକେଇ

**ଦିଗପହଣ୍ଡି/ପାଟପୁର,୧।୯(ଡି.ଏନ.ଏ.)**

ଦିଗପହଣ୍ଡି ଓ ସାନଖେମୁଣ୍ଡି ବ୍ଲକ ଅଧୀନ ବିଭିନ୍ନ ଗ୍ରାମାଞ୍ଚଳରେ ଶ୍ରମିକ ପଞ୍ଜୀକରଣ ପାଇଁ ଦଲାଲମାନେ ବୁଲୁଥିବା ଅଭିଯୋଗ ହୋଇଛି। ନିର୍ମାଣ ଶ୍ରମିକଙ୍କୁ ମିଳୁଥିବା ବିଭିନ୍ନ ସରକାରୀ ସହାୟତା ସମ୍ପର୍କରେ ଲୋକଙ୍କୁ ବିଶଦ ଭାବେ ବୁଝାଉଛନ୍ତି। ଏଥିରେ ଲୋକେ ପ୍ରଭାବିତ ହୋଇ ସରକାରୀ ସହାୟତା ମିଳିବା ଆଶାରେ ଦରଖାସ୍ତ କରୁଛନ୍ତି । ପ୍ରତି ଦରଖାସ୍ତ ପିଛା ୨୦୦ରୁ ୩୦୦ ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଉଛି। ଏହି ପ୍ରକ୍ରିୟାରେ ବହୁ ଗରିବ ଲୋକ ଠକାମିର ଶିକାର ହେଉଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ କୃଷିକାର୍ଡ କରାଇଦେବାର ପ୍ରଲୋଭନ ଦେଖାଇ କିଛି ନିର୍ଦ୍ଦିଷ୍ଟ ବେସରକାରୀ ସଂସ୍ଥାର କର୍ମକର୍ତ୍ତା ସଦସ୍ୟ ବିଭିନ୍ନ ଗାଁକୁ ଯାଇ ଲୋକଙ୍କଠାରୁ ଅର୍ଥ ଆଦାୟ କରିଛନ୍ତି। ସେମାନଙ୍କୁ ସାନଖେମୁଣ୍ଡି ବ୍ଲକ ପାଟପୁର ପଞ୍ଚାୟତରେ ଲୋକେ ଧରି ସାନଖେମୁଣ୍ଡି ବିଡିଓ ଶିବ ଶଙ୍କର ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ବିଡିଓଙ୍କ ଉପସ୍ଥିତିରେ ସେମାନେ ନିଜ ଭୁଲ ସ୍ୱୀକାର କରିବା ସହ ଆଦାୟ କରାଯାଇଥିବା ଅର୍ଥ ଫେରସ୍ତ କରିଥିବା ପାଟପୁର ସରପଞ୍ଚ ଟି. ବାବୁ ସୁବୁଦ୍ଧି କହିଛନ୍ତି। ସମ୍ପୃକ୍ତ ବ୍ୟକ୍ତି କୃଷି କାର୍ଡ ଜରିଆରେ ବ୍ୟାଙ୍କ ଋଣ ଓ ସରକାରୀ ସହାୟତା ମିଳିବ ବୋଲି କହି ଲୋକଙ୍କଠାରୁ ଆଧାର କାର୍ଡର ଜେରକ୍ସ ଓ ୫୦ ଟଙ୍କା ନେଇଥିଲେ। ଏ ସମ୍ପର୍କରେ ବିଡିଓଙ୍କୁ ପଚାରିବାରୁ ସମ୍ପୃକ୍ତ ସଂସ୍ଥାର ସଦସ୍ୟମାନଙ୍କୁ ତାଗିଦ୍ କରାଯାଇଛି। କୌଣସି ଗ୍ରାମାଞ୍ଚଳରୁ ପୁଣି ଏଭଳି ଅଭିଯୋଗ ମିଳିଲେ ପୋଲିସ କାର୍ଯ୍ୟାନୁଷ୍ଠାନ ପାଇଁ ସେମାନଙ୍କୁ ଚେତାବନୀ ଦିଆଯାଇଥିବା କହିଛନ୍ତି। କୌଣସି ସଂସ୍ଥା ଏଭଳି କାରବାର କରୁଥିବା ଦୃଷ୍ଟିକୁ ଆସିଲେ ବ୍ଲକ ପ୍ରଶାସନ ଓ ପୋଲିସକୁ ଜଣାଇବା ଆବଶ୍ୟକ ବୋଲି ସେ ସ୍ପଷ୍ଟ କରିଛନ୍ତି ।



2-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ